# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. Surama Samuel

Vol. XXIV — YEAR OF OUR LORD JESUS CHRIST, JUNE 2022 — No.4


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ହିତୋପଦେଶ ୪:୧-୧୦)

୧ ହେ ମୋହର ପୁତ୍ରଗଣ, ପିତାର ଉପଦେଶ ଶୁଣ ଓ ସୁବିବେଚନାଦାୟକ ଜ୍ଞାନରେ ମନୋଯୋଗ କର ।

୨ ଯେହେତୁ ମୁଁ ତୁମ୍ଭମାନଙ୍କୁ ଉତ୍ତମ ଶିକ୍ଷା ଦେଉଅଛି, ମୋହର ଆଦେଶ ପରିତ୍ୟାଗ କର ନାହିଁ ।

୩ ମୁଁ ଆପଣା ପିତାଙ୍କର ପୁଅଟିଏ ଥିଲି, ପୁଣି ମାତାଙ୍କ ଦୃଷ୍ଟିରେ କୋମଳ ଓ ଏକମାତ୍ର ପ୍ରିୟ ଥିଲି ।

୪ ପିତା ମୋତେ ଶିକ୍ଷା ଦେଇ କହିଲେ, ତୁମ୍ଭ ମନ ମୋହର କଥା ରକ୍ଷା କରୁ, ମୋହର ଆଜ୍ଞାସବୁ ପାଳନ କରି ବଞ୍ଚ ।

୫ ଜ୍ଞାନ ଅର୍ଜ୍ଜନ କର, ସୁବିବେଚନା ଲାଭ କର, ତାହା ଭୁଲ ନାହିଁ; ପୁଣି, ମୋ' ମୁଖର ବାକ୍ୟରୁ ବିମୁଖ ହୁଅ ନାହିଁ ।

୬ ତାକୁ ପରିତ୍ୟାଗ କର ନାହିଁ; ତହିଁରେ ସେ ତୁମ୍ଭକୁ ପାଳନ କରିବ; ତାକୁ ସ୍ନେହ କର, ତହିଁରେ ସେ ତୁମ୍ଭକୁ ରକ୍ଷା କରିବ ।

୭ ଜ୍ଞାନ ସର୍ବଶ୍ରେଷ୍ଠ ବିଷୟ, ଏଣୁ ଜ୍ଞାନ ଲାଭ କର; ପୁଣି, ତୁମ୍ଭର ସବୁ ଲାଭ ମଧ୍ୟରେ ସୁବିବେଚନା ଲାଭ କର ।

୮ ତାହାକୁ ଶିରୋଧାର୍ଯ୍ୟ କର, ତହିଁରେ ସେ ତୁମ୍ଭକୁ ଉନ୍ନତ କରିବ; ତାହାକୁ ଆଲିଙ୍ଗନ କଲେ, ସେ ତୁମ୍ଭକୁ ସମ୍ଭ୍ରାନ୍ତ କରିବ ।

୯ ସେ ତୁମ୍ଭ ମସ୍ତକରେ ଅନୁଗ୍ରହରୂପ ଭୂଷଣ ଦେବ; ସେ ତୁମ୍ଭକୁ ଶୋଭାର ମୁକୁଟ ଅର୍ପଣ କରିବ ।

୧୦ ହେ ମୋହର ପୁତ୍ର, ଶୁଣ, ମୋ' କଥା ଘେନ; ତହିଁରେ ତୁମ୍ଭ ଆୟୁର ବର୍ଷ ବହୁତ ହେବ ।

## ଆପଣଙ୍କର ବିଳାପ ଆନନ୍ଦରେ ପରିଣତ ହେବ !

(ଗୀତସଂହିତା ୩୦:୧୧)

**(YOUR MOURNING WILL TURN INTO JOY ! (Psalm 30:11)**

(ମୁଖ୍ୟ ଉପାସନାଳୟରେ ପାଳକ ଏସ୍.ସାମ୍.ସେଲ୍ଭାରାଜ୍ଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା)

ପ୍ରତିକୂଳ ପରିସ୍ଥିତିରେ, ଯେତେବେଳେ ଆମେ ପରାମର୍ଶ ପାଇବା ପାଇଁ ଆମର ବନ୍ଧୁ କିମ୍ବା ଡାକ୍ତରମାନଙ୍କ ନିକଟକୁ ଯାଉ, ସେତେବେଳେ ସେମାନେ ଆମକୁ ଏହା କହି ସାନ୍ତ୍ୱନା ଦେଇପାରନ୍ତି, ''ବ୍ୟସ୍ତ ହୁଅନ୍ତୁ ନାହିଁ, ସବୁକିଛି ଠିକ୍ ହୋଇଯିବ । ଧୀରେ ଧୀରେ ଆପଣଙ୍କର ସମସ୍ତ ସମସ୍ୟା ଦୂର ହୋଇଯିବ ।'' ଈଶ୍ୱରଙ୍କର ଅନେକ ସନ୍ତାନ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ମଧ୍ୟରେ ବାସ କରନ୍ତି । ଯେତେବେଳେ ଆମର ସମସ୍ୟା ବୃଦ୍ଧିପାଏ, ସେତେବେଳେ ଆମେ ଆଶା ହରେଇ ଦେଉ । ଆମେ ଆମ ଜୀବନରେ ଈଶ୍ୱରଙ୍କ ଚାଳନା ବିଷୟରେ ଅତି ସ୍ପଷ୍ଟ ନ ହେଲେ, ଆମେ ଅତି ଚିନ୍ତିତ ହେଉ । ଉଦାହରଣ ସ୍ୱରୂପ, ପୃଥିବୀର ସମସ୍ତ ଲୋକ କୋଭିଡ୍-୧୯ର ପ୍ରଭାବ ଯୋଗୁ ଅନେକ ଦୁଃଖ ଭୋଗ କରିଥିଲେ । ଯେ କୌଣସି ଦୁଃଖ, କ୍ଳେଶ, ଅସୁସ୍ଥତା ରୂପକ ଦଣ୍ଡ ଯନ୍ତ୍ରଣାଦାୟକ ଅଟେ । ଯେତେବେଳେ ଆମେ ଆମ ଜୀବନରେ ଘଟିଥିବା ଦୁଃଖପୂର୍ଣ୍ଣ ଘଟଣାଗୁଡ଼ିକ ବିଷୟରେ ଚିନ୍ତା କରୁ, ସେତେବେଳେ ଆମେ ଭାବୁ, ''ଏହା କ'ଣ ପ୍ରଭୁଙ୍କ ଅଜ୍ଞାତରେ ଘଟିଥିଲା ? ପ୍ରଭୁ କ'ଣ ମୋର ସମସ୍ୟା ପ୍ରତି ଦୃଷ୍ଟି ଦେଇନାହାନ୍ତି ?'' ମାତ୍ର ଆମକୁ ଏହା ମନେ ରଖିବାକୁ ହେବ ଯେ ପ୍ରଭୁଙ୍କ ଅଜ୍ଞାତରେ ଆମ ଜୀବନରେ କିଛି ଘଟେ ନାହିଁ । ଆମେ ଏହିପରି ଯନ୍ତ୍ରଣାପୂର୍ଣ୍ଣ ଅନୁଭୂତି ମଧ୍ୟ ଦେଇ ଗତି କରିବା ସମୟରେ, ଈଶ୍ୱର ଆମର ଦୁଃଖ ଓ କ୍ଳେଶକୁ ଆନନ୍ଦରେ ପରିଣତ କରନ୍ତି । ସେଥିପାଇଁ ଆପଣଙ୍କର ବର୍ତ୍ତମାନର ଦୁଃଖ ନିଶ୍ଚୟ ଆନନ୍ଦରେ ପରିଣତ ହେବ । ଭୟ କରନ୍ତୁ ନାହିଁ ! **''...ଆପଣମାନଙ୍କର ଦୁଃଖ ଆନନ୍ଦରେ ପରିଣତ ହେବ''** (ଯୋହନ ୧୬:୨୦) ।


ଆମେ ମାଥିଉ ୫:୪ରେ ପଢୁ, **''ଶୋକାର୍ତ୍ତ ଲୋକେ ଧନ୍ୟ, କାରଣ ସେମାନେ ସାନ୍ତ୍ୱନାପ୍ରାପ୍ତ ହେବେ ।''** ଆମେ ଭାବୁ ଯେ ଯେଉଁମାନେ ଏହି ଜଗତରେ ସମସ୍ତ ପ୍ରକାର ଭୌତିକ ସୁଖ ଉପଭୋଗ କରନ୍ତି, ସେମାନେ ଧନ୍ୟ ଅଟନ୍ତି । ମାତ୍ର ସଦାପ୍ରଭୁ କହନ୍ତି ଯେ ଯେଉଁମାନେ ଶୋକ କରନ୍ତି, ସେମାନେ ଧନ୍ୟ । ଏହା ଅଦ୍ଭୁତ ନୁହେଁ କି ? ଯେଉଁ ପ୍ରଭୁ ଜାଣନ୍ତି ଯେ ଶୋକାର୍ତ୍ତ ଲୋକେ ଧନ୍ୟ, ସେ ଏହା ମଧ୍ୟ ସଠିକ୍ ଭାବରେ ଜାଣନ୍ତି ଯେ ଶୋକ ଆନନ୍ଦରେ ପରିଣତ ହେବ । ଲୋକମାନେ ଏଥିରେ ଏକମତ ହେବା ଅତି କଷ୍ଟକର ଅଟେ ।

ମନର ଏକ ନୀରବ ଓ ବିଷାଦଗ୍ରସ୍ତ ଅବସ୍ଥା ଜଣେ ଅତି ଦୁଃଖୀ ବ୍ୟକ୍ତିର ପରିସ୍ଥିତି ଅଟେ । ବେରୋଜଗାରୀ, ଅସୁସ୍ଥତା, ଅର୍ଥାଭାବ, କାର୍ଯ୍ୟସ୍ଥଳରେ ସମସ୍ୟା କିମ୍ବା ପାରିବାରିକ ସମସ୍ୟା, ଭବିଷ୍ୟତ୍ ବିଷୟରେ ଚିନ୍ତା, ଇତ୍ୟାଦି ଯୋଗୁ ଦୁଃଖ ଉତ୍ପନ୍ନ ହୁଏ । ଆମର ଦୁଃଖ ଯା' ହେଉ ନା' କାହିଁକି, ପ୍ରଭୁ କହିଛନ୍ତି ଯେ ଆମେ ଯେଉଁମାନେ ଏହିପରି କଷ୍ଟକର ସମୟ ମଧ୍ୟ ଦେଇ ଗତି କରୁଛୁ, ଆମେ ସମସ୍ତେ ଧନ୍ୟ ଓ ଆମେ ସାନ୍ତ୍ୱନାପ୍ରାପ୍ତ ହେବୁ । ସେହି କଷ୍ଟକର ପରିସ୍ଥିତିଗୁଡ଼ିକ ଆନନ୍ଦପୂର୍ଣ୍ଣ ପରିସ୍ଥିତିରେ ପରିଣତ ହେବ । ଯଦିଓ ପ୍ରଭୁ ଯୀଶୁ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

ECHO OF HIS CALL - (1969-2019 GOLDEN JUBILEE YEAR)

(ECHO GROUP)



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

CHIEF EDITOR
Angeline Selvakumari Henry, M.A., M.Ed.

MANAGING EDITOR
Pastor Alex Samson Sam, B.Th., M.Div.

ADMINISTRATION
Bro. N. Prakasam, M.A., General Manager

EDITORIAL BOARD
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M.Phil., B.Ed.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858

E.mail ID
sam@echoofhiscall.org
biblecor@yahoo.co.in

WEBSITES
www.echoofhiscall.org
www.stpaulsmatriculation.com

YOUTUBE CHANNEL
Echo of His Call

"ସେ ତୁମ୍ଭ ସୀମା ମଧ୍ୟରେ ଶାନ୍ତି ସ୍ଥାପନ କରନ୍ତି,
ସେ ସର୍ବୋତ୍ତମ ଗହମରେ ତୁମ୍ଭକୁ ତୃପ୍ତ କରନ୍ତି"
(ଗୀତସଂହିତା ୧୪୭:୧୪) ।

**ପ୍ରଭୁରେ ପ୍ରିୟ ବନ୍ଧୁଗଣ,**

*ଆମେ ଆପଣମାନଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଅଭିବାଦନ ଜଣାଉଅଛୁ । ଯେଉଁ ସଦାପ୍ରଭୁ ପରମେଶ୍ୱର ଆମକୁ ଏପର୍ଯ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଚଳାଇ ଆଣିଛନ୍ତି, ଆମେ ତାଙ୍କର ପ୍ରଶଂସା କରୁଅଛୁ ।*

## ଆହ୍ୱାନର ପ୍ରତିଧ୍ୱନି ପତ୍ରିକା

★ *ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅକଥନୀୟ ଦୟା ଯୋଗୁ, ଆମେ ୧୬ଟି ଭାଷାରେ ଆମର "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାକୁ ପ୍ରତି ମାସରେ ପ୍ରକାଶ କରିପାରୁଛୁ । ଈଶ୍ୱର ଆପଣମାନଙ୍କୁ ପ୍ରତ୍ୟେକଙ୍କୁ ଆଶୀର୍ବାଦ କରନ୍ତୁ ଯେଉଁମାନେ ଏହି ସେବାକାର୍ଯ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ଓ ଅର୍ଥ ସହାୟତା ପ୍ରଦାନ କରୁଛନ୍ତି । ବିଭିନ୍ନ ଭାଷାବାଦୀ ଲୋକମାନେ ଏହି ପତ୍ରିକା ମାଧ୍ୟମରେ ଈଶ୍ୱରଙ୍କ ପ୍ରେମର ସ୍ପର୍ଶ ପାଉଛନ୍ତି ।*

## ନିହିମିୟା ଆବାସିକ ବାଇବଲ କଲେଜ (ହିନ୍ଦୀ)

★ *ଆମେ ଆମର ଆବାସିକ ବାଇବଲ କଲେଜ (ହିନ୍ଦୀ) ନିମନ୍ତେ ଆଉ କିଛି ଅଧିକ ଛାତ୍ର ଆବଶ୍ୟକ କରୁଅଛୁ । ପାଠ ପଢ଼ା ୨୦୨୨ ଜୁନ୍ ୬ ତାରିଖରେ ଆରମ୍ଭ ହେବ । ଆମେ ଛାତ୍ର ବୃତ୍ତି ଭାବରେ ଯୋଗ୍ୟ ଛାତ୍ରମାନଙ୍କୁ ମାଗଣାରେ ଶିକ୍ଷା, ଖାଦ୍ୟ ଓ ବାସସ୍ଥାନ ଯୋଗାଇଦେଉ । ଦୟାକରି ଏହି ସୂଚନା ଆପଣମାନଙ୍କର ବନ୍ଧୁ ଓ ପ୍ରାର୍ଥନା ସାଥୀମାନଙ୍କୁ ପ୍ରତ୍ୟକ୍ଷ ଭାବରେ କିମ୍ବା ପତ୍ର ମାଧ୍ୟମରେ କିମ୍ବା WhatsApp ମାଧ୍ୟମରେ ଜଣାଇ ଦିଅନ୍ତୁ । ଆମେ ଗୋଟିଏ ବର୍ଷର ସାର୍ଟିଫିକେଟ ପାଠ୍ୟକ୍ରମ ଓ ଦୁଇ ବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆମର ନିହିମିୟା ବାଇବଲ ଡିପ୍ଲୋମା କଲେଜ ATA (ଏସିଆ ଥିଓଲୋଜିକାଲ ଏସୋସିଏସନ) ଦ୍ୱାରା ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀର ମାନ୍ୟତା ପାଇଅଛି । ଏହି ଅନୁଷ୍ଠାନ ବିଶ୍ୱବ୍ୟାପୀ ବାଇବଲ କଲେଜ ପାଇଁ ଏକ ମାନ୍ୟତା ପ୍ରଦାନକାରୀ ପ୍ରତିନିଧି ଅଟେ ।*

## ନିହିମିୟା ସାନ୍ଧ୍ୟ ବାଇବଲ କଲେଜ (ତାମିଲ)

★ *ଆମର ସାନ୍ଧ୍ୟ ବାଇବଲ କଲେଜ ମଧ୍ୟ ଭଲ ଭାବରେ କାର୍ଯ୍ୟ କରୁଅଛି । ଏହି କଲେଜ ମଧ୍ୟ ୨୦୨୨ ଜୁନ୍ ୬ ତାରିଖରେ ଖୋଲିବ । ଆମେ ଅଧିକ ଯୋଗ୍ୟ ଛାତ୍ର-ଛାତ୍ରୀ ଆବଶ୍ୟକ କରୁଅଛୁ । ଆମେ ଏକ ବର୍ଷିଆ ସାର୍ଟିଫିକେଟ କୋର୍ସ ସହିତ ଦୁଇ ବର୍ଷିଆ ଡିପ୍ଲୋମା କୋର୍ସ ମଧ୍ୟ ପ୍ରଦାନ କରୁଅଛୁ ।*

## ନିହିମିୟା ବାଇବଲ କଲେଜର ଲାଇବ୍ରେରୀ

★ *ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଆମେ ଅଳ୍ପ ଅଳ୍ପ କରି ନିହିମିୟା ବାଇବଲ କଲେଜ ଲାଇବ୍ରେରୀର ବହିଗୁଡ଼ିକୁ କମ୍ପ୍ୟୁଟରରେ ଅପ୍‌ଲୋଡ କରୁଅଛୁ । ଆମ ପାଖରେ ପ୍ରାୟ ୭,୦୦୦ ପୁସ୍ତକ ଅଛି । ଏହି ପୁସ୍ତକଗୁଡ଼ିକୁ କମ୍ପ୍ୟୁଟରରେ ଠିକ୍ ଭାବରେ ଅପ୍‌ଲୋଡ କରିବା ପାଇଁ ଆମ ପାଖରେ ପ୍ରଚୁର କାର୍ଯ୍ୟ ଓ ଖର୍ଚ୍ଚ ରହିଛି । ଏହି କାର୍ଯ୍ୟ ଆମ ସାମର୍ଥ୍ୟର ବାହାରେ ରହିଥିବା ଭଳି ମନେ ହେଉଛି । ଆମର ଈଶ୍ୱର ଏହି କାର୍ଯ୍ୟ ପାଇଁ ଆମକୁ ଅଧିକ ଅର୍ଥ ଯୋଗାଇବେ ବୋଲି ଆମେ ବିଶ୍ୱାସ କରୁଅଛୁ । "...ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ" (ଫିଲିପ୍ପୀୟ ୪:୧୯) ।*

## ନିହିମିୟା ବାଇବଲ କଲେଜର ଶିକ୍ଷାବର୍ଷ ୨୦୨୧-୨୨ ପାଇଁ ଉପାଧି ପ୍ରଦାନ ଉତ୍ସବ

★ *ଈଶ୍ୱର ଯଦି ଇଚ୍ଛା କରନ୍ତି, ତେବେ ଆମ ବାଇବଲ କଲେଜ ଗୁଡ଼ିକରେ ୨୦୨୧-୨୨ ଶିକ୍ଷା ବର୍ଷ ପାଇଁ ଉପାଧି ପ୍ରଦାନ ଉତ୍ସବ ଚେନ୍ନାଇ ସ୍ଥିତ ପୁରଷୱାଲକମ୍, ଭେପେରୀର ବାଲାର କାଲ୍‌ଭି ନିଲୟମ୍‌ଠାରେ ଶୁକ୍ରବାର (୦୩-୦୬-*

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

୨୦୨୨) ସନ୍ଧ୍ୟା ୫ଟାରେ ଅନୁଷ୍ଠିତ ହେବ । ଆମେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଛୁ । ଯଦି ଆପଣ ସେହିଦିନ ଚେନ୍ନାଇରେ ଉପସ୍ଥିତ ଥିବେ, ତେବେ ଦୟାକରି ଅଂଶଗ୍ରହଣ କରନ୍ତୁ ।

## ଉତ୍ତର ଭାରତରେ ସୁସମାଚାର ପହଞ୍ଚାଇବା

✶ ଦୀର୍ଘଦିନରୁ ଉତ୍ତର ଭାରତରେ ବାସ କରୁଥିବା ବିଭିନ୍ନ ଭାଷାବାଦୀ ଲୋକମାନଙ୍କୁ ସୁସମାଚାର ପ୍ରଦାନ କରିବା ଦ୍ୱାରା ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆମର ଏକାନ୍ତ ଇଚ୍ଛା ଓ ଲକ୍ଷ୍ୟ ରହିଅଛି । ଆମର ନିହିମିୟା ହିନ୍ଦୀ ବାଇବଲ କଲେଜକୁ ଅନେକ ଛାତ୍ରଙ୍କୁ ଆଣିବା ପାଇଁ, ମୁଁ ଓଡ଼ିଶାର ରାୟଗଡ଼ା, ପାରଳାଖେମୁଣ୍ଡି ଓ କନ୍ଧମାଳ ଭଳି ସ୍ଥାନଗୁଡ଼ିକୁ ଯିବାକୁ ଯୋଜନା କରିଥିଲି । ଯଦିଓ ଏହା ମୋ' ପାଇଁ କଷ୍ଟକର ଅଟେ, ତଥାପି ମୁଁ ଯିବାକୁ ଇଚ୍ଛା କରିଛି । ଆମର କେବଳ ଗୋଟିଏ ଜୀବନ ଅଛି । ଆସନ୍ତୁ, ସେହି ଜୀବନକୁ ଆମର ପ୍ରଭୁ ଯୀଶୁଙ୍କୁ ସମର୍ପଣ କରିବା ।

## ସେଣ୍ଟପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ

✶ ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଅତି ଉତ୍ତମ ଭାବେ ଚାଲୁଅଛି । ପିଲାମାନଙ୍କୁ ଗୃହରୁ ସ୍କୁଲକୁ ନେବା ଓ ଆଣିବା କରୁଥିବା ମିନିବସ୍ ମରାମତି ଆବଶ୍ୟକ କରୁଅଛି । ଏହା ବର୍ତ୍ତମାନ ବ୍ୟବହାରଯୋଗ୍ୟ ସ୍ଥିତିରେ ନାହିଁ । ଆମେ ଗୋଟିଏ ନୂତନ ଗାଡ଼ି କିଣିବାକୁ ଚାହୁଁଛୁ । ଯଦି ଈଶ୍ୱର ଇଚ୍ଛା କରନ୍ତି, ତେବେ ସ୍କୁଲ ଜୁନ୍ ୧୩, ସୋମବାର ଖୋଲିବ, ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଏହି ସ୍କୁଲ ଏକ ଉଚ୍ଚ ବିଦ୍ୟାଳୟ ଭାବରେ କାର୍ଯ୍ୟ କରିବା ପାଇଁ ତାମିଲନାଡୁ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇଅଛି । ଭାରତ ସରକାର ମଧ୍ୟ ଏହି ସ୍କୁଲକୁ ଏକ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ଅନୁଷ୍ଠାନର ମାନ୍ୟତା ପ୍ରଦାନ କରିଛନ୍ତି ।

✶ ଦୟାକରି ଆମର ପୋଷ୍ଟାଲ ବାଇବଲ ପାଠ୍ୟକ୍ରମ, ସୁସମାଚାର ଛାପାକଳ, ମଣ୍ଡଳୀସମୂହ, ସୁସମାଚାର ସଭା ଓ ସମାଜ ସେବା ଭଳି ଅତି ଗୁରୁତ୍ୱପୂର୍ଣ୍ଣ ସେବାକାର୍ଯ୍ୟ ପାଇଁ ପ୍ରାର୍ଥନା କରନ୍ତୁ ।

✶ ମୋର ପରିବାର ଓ ମୁଁ ଉତ୍ତମ ସ୍ୱାସ୍ଥ୍ୟ ପାଇଅଛୁ । ଦୟାକରି ଆମର ସହକର୍ମୀ ଭାଇ.ଏମ୍.ପଲ୍‌ରାଜ, ପାଳକ ଏମ୍. ମୁଥୁ ଓ ଭାଇ ଇଳାଙ୍ଗୋଭନ୍‌ଙ୍କର ସୁସ୍ଥତା ପାଇଁ ପ୍ରାର୍ଥନା କରନ୍ତୁ ।

✶ ଆପଣମାନେ "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟକୁ ପ୍ରେମ କରୁଥିବାରୁ ଓ ଅର୍ଥ ସହାୟତା ପ୍ରଦାନ କରୁଥିବାରୁ ଈଶ୍ୱର ଆପଣମାନଙ୍କୁ ଅଧିକରୁ ଅଧିକ ଆଶୀର୍ବାଦ କରନ୍ତୁ । ଆମେ ଆନ୍ତରିକ ଭାବରେ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ । ଯଦି ଆପଣମାନେ ପବିତ୍ର ଆତ୍ମାଙ୍କ ଚାଳନା ପାଉଛନ୍ତି, ତେବେ ଦୟାକରି ଆମ ସେବାକାର୍ଯ୍ୟକୁ ଅର୍ଥ ସହାୟତା ପ୍ରଦାନ କରନ୍ତୁ । ଈଶ୍ୱର ନିଶ୍ଚୟ ଆପଣମାନଙ୍କୁ ଆଶୀର୍ବାଦ କରିବେ ।

✶ ପ୍ରଭୁ କିପରି ଆମକୁ ଅନେକ ଦୁଃଖ ଓ ସମସ୍ୟାରୁ ଉଦ୍ଧାର କରିଥିଲେ, ଏହି ବିଷୟରେ ଆମର ଅନେକ ସାକ୍ଷ୍ୟ ଅଛି, ମାତ୍ର ସେଗୁଡ଼ିକ ପ୍ରକାଶ୍ୟରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ସେଥିପାଇଁ ଆମ ନିମନ୍ତେ ପ୍ରାର୍ଥନା କରି ଚାଲନ୍ତୁ । ଈଶ୍ୱରଙ୍କ ଅନୁଗ୍ରହ ଆପଣମାନଙ୍କର ସହବର୍ତ୍ତୀ ହେଉ ।

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858
E.mail : samselvaraj333@gmail.com

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ବହୁ ଦିନ ପୂର୍ବରୁ ଏହି ପ୍ରତିଜ୍ଞା ଦେଇଥିଲେ, ତଥାପି ଏହା ଆଜି ମଧ୍ୟ ପ୍ରାସଙ୍ଗିକ ଅଟେ । ଏହାପରଠାରୁ ଖୁସି ଓ ଆନନ୍ଦିତ ରହନ୍ତୁ । **"ଅତଏବ ଈଶ୍ୱରଙ୍କ ବଳବନ୍ତ ହସ୍ତତଳେ ଆପଣା ଆପଣାକୁ ନତ କର, ଯେପରି ସେ ତୁମ୍ଭମାନଙ୍କୁ ଯଥା ସମୟରେ ଉନ୍ନତ କରିବେ"** (୧ ପିତର ୫:୬) ।

ଆମେ ଆମର ଦୁର୍ବଳତା ଓ ଦାରିଦ୍ର୍ୟର ଦିନଗୁଡ଼ିକରେ ପ୍ରଭୁଙ୍କ ପ୍ରତି ଦୃଷ୍ଟିପାତ କରିବା ସମୟରେ, ପ୍ରଭୁ ଆମ ସହିତ କଥା କହୁଥିବାର ଶୁଣିବା ଆରମ୍ଭ କରୁ । ଯେଉଁମାନେ ଦୁଃଖବିହୀନ ଜୀବନ କାଟନ୍ତି, ସେମାନେ ପ୍ରଭୁଙ୍କର ସ୍ୱର ଶୁଣିପାରନ୍ତି ନାହିଁ । ଆମେ ନିରୁତ୍ସାହ ଓ ଦୁଃଖ ଅନୁଭବ କରିବା ସମୟରେ ହିଁ ପ୍ରଭୁଙ୍କର ସ୍ୱର ଶୁଣିପାରୁ ଓ ତାଙ୍କ ସ୍ପର୍ଶ ଅନୁଭବ କରିପାରୁ । ମାତ୍ର ଆମର ସୁଖକର ପରିସ୍ଥିତିରେ, ଆମେ ପ୍ରଭୁଙ୍କର ସ୍ୱର ପ୍ରାୟ ଶୁଣି ପାରି ନ ଥାଉ । ସେଥିପାଇଁ "ଶୋକାର୍ତ୍ତ ଲୋକେ ଧନ୍ୟ" ବୋଲି ପ୍ରଭୁ କହିଛନ୍ତି ।

ପ୍ରେରିତ ପାଉଲ କିଛି ଯନ୍ତ୍ରଣାପୂର୍ଣ୍ଣ ବିଷୟର ଅନୁଭୂତି ପାଇ, ଏହାକୁ ତାଙ୍କ ଶରୀରରୁ ଦୂର କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ମାତ୍ର ଈଶ୍ୱର କହିଥିଲେ, **"ଆମ୍ଭର ଅନୁଗ୍ରହ ତୁମ୍ଭ ନିମନ୍ତେ ଯଥେଷ୍ଟ, କାରଣ ଦୁର୍ବଳତାରେ ଆମ୍ଭର ଶକ୍ତି ସିଦ୍ଧ ହୁଏ"** (୨ କରିନ୍ଥୀୟ ୧୨:୯) । ପାଉଲ ଏକ ସୁଖୀ ଓ ସନ୍ତୁଷ୍ଟ ଜୀବନ କାଟି ପାରିଥା'ନ୍ତେ । ମାତ୍ର ସେ ଏପରି ଏକ ଜୀବନ ଚାହୁଁ ନ ଥିଲେ ଯେଉଁଥିରେ ପ୍ରଭୁଙ୍କର ସ୍ପର୍ଶର ଅନୁଭବ ନ ଥିବ କିମ୍ବା ତାଙ୍କର ସ୍ୱର ଶୁଣି ହେଉ ନ ଥିବ । ସେ ଏପରି ଏକ ଦୁଃଖପୂର୍ଣ୍ଣ ଜୀବନକୁ ପସନ୍ଦ କରିଥିଲେ ପ୍ରଭୁଙ୍କର ସ୍ୱର ଶୁଣିବା ଦିଗରେ କଢ଼ାଇ ନେବ ଓ ସେ ଏହିପରି ଏକ ଜୀବନକୁ ଆନନ୍ଦ ପୂର୍ଣ୍ଣ ଓ ଗୌରବମୟ ଜୀବନ ବୋଲି ବିଚାର କରିଥିଲେ । **"...କୌଣସି ପ୍ରକାରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ହୋଇପାରେ"** (ଫିଲିପ୍ପୀୟ ୩:୧୧) । ମୋଶାଙ୍କ ବିଷୟରେ ଧର୍ମଶାସ୍ତ୍ରରେ ଲେଖାଯାଇଛି, **"ବିଶ୍ୱାସ ଦ୍ୱାରା ମୋଶା ବୟସପ୍ରାପ୍ତ ହେଲା ଉତ୍ତାରେ ଫାରୋଙ୍କର କନ୍ୟାଙ୍କ ପୁତ୍ର ବୋଲି ଖ୍ୟାତ ହେବାକୁ ନାସ୍ତି କଲେ । ପାପର କ୍ଷଣିକ ସୁଖଭୋଗ ଅପେକ୍ଷା ଈଶ୍ୱରଙ୍କ ଲୋକମାନଙ୍କ ସହିତ ବରଂ ଦୁଃଖଭୋଗ କରିବାକୁ ସେ ପସନ୍ଦ କଲେ, ପୁଣି ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବା ଶ୍ରେଷ୍ଠତର ଧନ ବୋଲି ମନେ କଲେ । କାରଣ ସେ ପୁରସ୍କାର ଦାନର ସମୟ ପ୍ରତି ଦୃଷ୍ଟିପାତ କଲେ"** (ଏବ୍ରୀ ୧୧:୨୪-୨୬) ।

ଯେତେବେଳେ ଆମେ ଗଭୀର ଦୁଃଖ ମଧ୍ୟରେ ଥାଉ, ସେତେବେଳେ ଏହା ମଧ୍ୟରୁ ବାହାରି ଆସିବାକୁ ଇଚ୍ଛା କରୁ । ମାତ୍ର ଏହିପରି ସମୟ ଗୁଡ଼ିକରେ, ଆମ ନିଜସ୍ୱ ଶକ୍ତି ଉପରେ ନିର୍ଭର କରିବା ପରିବର୍ତ୍ତେ, ଯଦି ଆମେ କେବଳ ଈଶ୍ୱରଙ୍କ ଉପରେ ଆଉଜିବା, ତେବେ ଆମେ ନିଶ୍ଚୟ ପ୍ରଭୁଙ୍କ ସ୍ପର୍ଶ ଅନୁଭବ କରିପାରିବା । ଯଦି ଆମେ ଆମର ସମସ୍ୟାଗୁଡ଼ିକୁ ଯତ୍ନ ଓ ଧୈର୍ଯ୍ୟର ସହିତ ନିୟନ୍ତ୍ରଣ କରିପାରିବା, ତେବେ ଆମେ ବହୁଳ ପରିବର୍ତ୍ତନ ଓ ଆଶୀର୍ବାଦପ୍ରାପ୍ତ ହେବା । ଗୀତରଚକ ଦାଉଦ ମନ୍ଦ ବିଷୟ ଦ୍ୱାରା ପରିବେଷ୍ଟିତ ହେବା ମାତ୍ରେ, ମଣ୍ଡଳୀରେ ପ୍ରଭୁଙ୍କ ଉପସ୍ଥିତି ମଧ୍ୟକୁ ଯାଉଥିଲେ । ମନ୍ଦିରରେ ପ୍ରଭୁଙ୍କ ଉପସ୍ଥିତିକୁ ହିଁ ସେ ସର୍ବଦା ଅନ୍ୱେଷଣ କରୁଥିଲେ ଓ ଯେତେବେଳେ ସେ କୌଣସି ଭୁଲ୍ କରୁଥିଲେ କିମ୍ବା ଗଭୀର କ୍ଲେଶ ମଧ୍ୟରେ ପଡୁଥିଲେ, ସେତେବେଳେ ସେ ସ୍ଥିର ହୋଇ ରହୁଥିଲେ । ସଦାପ୍ରଭୁ ତାଙ୍କୁ ସମସ୍ତ ସମସ୍ୟାରୁ ରକ୍ଷା କରୁଥିଲେ, ତାଙ୍କୁ ଆଶୀର୍ବାଦ କରୁଥିଲେ, ତାଙ୍କୁ ସାନ୍ତ୍ୱନା ଦେଉଥିଲେ ଓ ତାଙ୍କର ସମସ୍ତ ଦୁଃଖକୁ ଆନନ୍ଦରେ ପରିଣତ କରୁଥିଲେ । ଈଶ୍ୱରଙ୍କର ପ୍ରିୟ ସନ୍ତାନ, ଆପଣ ବର୍ତ୍ତମାନ କଷ୍ଟକର ପଥରେ ଯାତ୍ରା କରୁଛନ୍ତି କି ? ଆପଣଙ୍କ ସମସ୍ୟାରୁ ବାହାରି ଆସିବା ପାଇଁ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କୌଣସି ମାର୍ଗ ପ୍ରତି ଦୃଷ୍ଟିପାତ କରନ୍ତୁ ନାହିଁ । ଏହିପରି କୌଣସି ଉପାୟ ଅବଲମ୍ବନ କରନ୍ତୁ ନାହିଁ । ଜାଗତିକ ମାର୍ଗ ଅନ୍ୱେଷଣ କରିବାର ପରିଣତି ଆପଣଙ୍କୁ ବଡ଼ ବଡ଼ ବିପଦ, କ୍ଲେଶ ଓ ବିଫଳତା ମଧ୍ୟକୁ କଢ଼ାଇ ନେବ । ଦୟାକରି ଏହାକୁ ପବିତ୍ର ଆତ୍ମାଙ୍କ ସ୍ୱର ବୋଲି ବିଚାର କରନ୍ତୁ । ସେ ଆପଣଙ୍କୁ କହୁଛନ୍ତି ଯେ ଯଦି ଆପଣ ନିଜର ପରିବାର, ଅର୍ଥନୈତିକ ସ୍ଥିତି, ପଦବୀ, ପରିଚୟ ଓ ଅତି ଗୁରୁତ୍ୱପୂର୍ଣ୍ଣ ଭାବରେ ଆପଣଙ୍କ ସେବାକାର୍ଯ୍ୟ ଅପେକ୍ଷା ପ୍ରଭୁଙ୍କ ଉପରେ ଅଧିକ ଭରସା ରଖିପାରିବେ, ତେବେ ସେ ନିଶ୍ଚୟ ଆପଣଙ୍କର ଇଚ୍ଛାକୁ ସଫଳ କରିବେ । ସେଥିପାଇଁ ତାଙ୍କ ସ୍ୱରକୁ ଯତ୍ନର ସହିତ

ଶୁଣନ୍ତୁ । ଏହି ଉଦ୍ଦେଶ୍ୟ ପାଇଁ ସର୍ବାଧିକ ପସନ୍ଦଯୋଗ୍ୟ ସ୍ଥାନ କେବଳ ଆପଣଙ୍କର ମଣ୍ଡଳୀ ଅଟେ । ଦୟାକରି ଆପଣଙ୍କର ମଣ୍ଡଳୀ ଓ ପାଳକଙ୍କୁ ସମ୍ମାନ ଦେଖାନ୍ତୁ । ସମଗ୍ର ଆଶୀର୍ବାଦ ଓ ସମଗ୍ର ଖୁସି ଆପଣଙ୍କ ମଣ୍ଡଳୀ ମଧ୍ୟରେ ରହିଛି । **"ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାଆନ୍ତି, ଆମ୍ଭେମାନେ ସେପରି ନ କରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷରେ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ"** (ଏବ୍ରୀ ୧୦:୨୫) ।

## ୧. ଶୋକ ସକାଶୁ ପ୍ରାଣ ତରଳିଯାଏ

**"ଶୋକ ସକାଶୁ ମୋର ପ୍ରାଣ ତରଳି ଯାଏ, ତୁମ୍ଭେ ଆପଣା ବାକ୍ୟାନୁସାରେ ମୋତେ ସବଳ କର"** (ଗୀତସଂହିତା ୧୧୯:୨୮) ।

କୌଣସି ବ୍ୟକ୍ତି କେବେ ନିଜର ବିଷାଦ ଯୋଗୁ ନିଜର ଉଚ୍ଚତାକୁ ବୃଦ୍ଧି କିମ୍ବା ହ୍ରାସ କରିପାରେ ନାହିଁ । ତଥାପି, ଆମେ ବାସ୍ତବରେ ଦୁଃଖ ସମୟରେ ଚିନ୍ତିତ ନ ହୋଇ ରହି ପାରି ନ ଥାଉ ।

ଦାଉଦ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ – ପ୍ରଥମେ ଶ୍ୱଶୁର, ରାଜା ଶାଉଲଙ୍କଠାରୁ, ଏହାପରେ ନିଜର ପୁତ୍ର ଅବଶାଲୋମଙ୍କଠାରୁ ଓ ଅନେକ ସମୟରେ ଲୋକମାନଙ୍କଠାରୁ ଓ ବାହାର ଦେଶର ରାଜାମାନଙ୍କଠାରୁ । ମାତ୍ର ସେ ନିଜର ଆହ୍ୱାନକର୍ତ୍ତା ଈଶ୍ୱରଙ୍କ ଉପରେ ନିର୍ଭର କରିଥିବାରୁ, ସେ ତାଙ୍କର ସମସ୍ତ ଦୁଃଖ ଓ କଷ୍ଟକୁ ମହା ଆନନ୍ଦରେ ପରିଣତ କରିଥିଲେ ।

ଆମ ମଧ୍ୟରୁ ଅନେକଙ୍କୁ ଏହିପରି କଷ୍ଟକର ସମୟ ମଧ୍ୟ ଦେଇ ଗତି କରିବାକୁ ପଡ଼ିଥାଏ । କେତେଜଣ ଭଗ୍ନ ହୃଦୟରେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରନ୍ତି । ଯଦି ଆମେ ପରାମର୍ଶ ପାଇଁ ଲୋକମାନଙ୍କ ପ୍ରତି ଫେରିବା, ତେବେ ସେମାନେ ଆମକୁ ପ୍ରତାରିତ କରିପାରନ୍ତି । କେତେ ଜଣ ଆମକୁ ଭୁଲ୍ ଚାଳନା ଦେଇ ପାରନ୍ତି । ଚିନ୍ତା ଓ ଅଶ୍ରୁପାତ ମଧ୍ୟରେ, ଯଦି ଆମେ ସଂପୂର୍ଣ୍ଣଭାବରେ ପ୍ରଭୁଙ୍କ ଉପରେ ନିର୍ଭର କରିବା ଓ ତାଙ୍କୁ ବିଶ୍ୱାସ କରିବା, ତେବେ ସେ ନିଶ୍ଚିତଭାବରେ ଓ ନିଃସର୍ତ୍ତମୂଳକ ଭାବରେ ଆମକୁ ଦୁଃଖ ମଧ୍ୟରୁ ବାହାର କରି ଆଶ୍ଚର୍ଯ୍ୟଜନକ ଭାବରେ ସାନ୍ତ୍ୱନା ପ୍ରଦାନ କରିବେ । **"କାରଣ ତୁମ୍ଭେ ଦରିଦ୍ରର ଦୃଢ଼ ଦୁର୍ଗ, ଦୀନହୀନର ସଙ୍କଟ ସମୟରେ ତାହାର ଦୃଢ଼ ଦୁର୍ଗ, ଭୟଙ୍କର ଲୋକମାନଙ୍କର ଶ୍ୱାସ ବାୟୁ ପ୍ରବଳ ବତାସ ତୁଲ୍ୟ ପ୍ରାଚୀରରେ ଲାଗିବା ବେଳେ ପ୍ରବଳ ବତାସ ନିବାରକ ଆଶ୍ରୟ, ତାପ ନିବାରକ ଛାୟା ହୋଇଅଛ"** (ଯିଶାଇୟ ୨୫:୪) ।

ଯେତେବେଳେ କ୍ଳେଶ ବହୁଳ ହୁଏ, ସେତେବେଳେ ଆମେ ବାଇବଲକୁ ପଢ଼ିବାରେ ଅଧିକ ସମୟ ଦେବା ଉଚିତ । ଆମେ ଈଶ୍ୱରଙ୍କଠାରୁ ଏକ ଆଶ୍ଚର୍ଯ୍ୟଜନକ ଉଦ୍ଧାରକୁ ବିଶ୍ୱାସ ଓ ଆଶା କରିବା ଉଚିତ । ସେ ଯେପରି ଆମ ପରି ଦୁଃଖଭୋଗ କରୁଥିବା ତାଙ୍କର ସନ୍ତାନମାନଙ୍କୁ ଉଦ୍ଧାର କରିଥିଲେ, ସେହିପରି ସେ ନିଶ୍ଚୟ ଆମ ଆଶାଠାରୁ ଅଧିକ ମହତ୍ ବିଷୟ ଆମ ପାଇଁ ସାଧନ କରିବେ । ଏହି ଯେଉଁ ବାର୍ତ୍ତା ମୁଁ ପ୍ରଚାର କରୁଅଛି, ମୁଁ ନିଜେ ମୋର ବିଭିନ୍ନ କଷ୍ଟକର ସମୟରେ କେବଳ ଈଶ୍ୱରଙ୍କ ଉପରେ ନିର୍ଭର କରିଥିଲି ଓ ଉଚ୍ଚ ସ୍ୱରରେ ତାଙ୍କର ବାକ୍ୟ ପଠନ ଓ ଧ୍ୟାନ କରିଥିଲି । ମୁଁ ଯେଉଁ ତାରିଖ ଗୁଡ଼ିକରେ ଈଶ୍ୱରଙ୍କ ସ୍ୱର ଶୁଣିଥିଲି ଓ ଅବିଶ୍ୱସନୀୟ ସଫଳତା ପାଇଥିଲି, ସେହି ତାରିଖ ଗୁଡ଼ିକୁ ମୁଁ ମୋର ବାଇବଲର କେତେକ ପଦ ନିକଟରେ ଚିହ୍ନିତ କରି ରଖିଛି । ଯଦି ଆପଣ ମଧ୍ୟ ତାହା କରିବେ, ତେବେ ଆପଣଙ୍କ ପାଇଁ ମଧ୍ୟ ବିଜୟ ସୁନିଶ୍ଚିତ ଅଟେ ।

## ୨. ଚକ୍ଷୁ କ୍ଷୀଣ ହେଉଅଛି

**"କ୍ଳେଶ ସକାଶୁ ମୋ' ଚକ୍ଷୁ କ୍ଷୀଣ ହେଉଅଛି, ହେ ସଦାପ୍ରଭୁ, ମୁଁ ପ୍ରତିଦିନ ତୁମ୍ଭ ନିକଟରେ ପ୍ରାର୍ଥନା କରିଅଛି, ମୁଁ ତୁମ୍ଭ ଆଡ଼େ ଆପଣା ହସ୍ତ ପ୍ରସାରି ଅଛି"** (ଗୀତସଂହିତା ୮୮:୯) ।

ଗୀତରଚକ କହିଛନ୍ତି ଯେ ଦୁଃଖ ଯୋଗୁ ତାଙ୍କର ଚକ୍ଷୁ କ୍ଷୀଣ ହୋଇଅଛି । ଯଦି ଜଣେ ଅତି ଦୁଃଖିତ ଅଟେ, ତେବେ ସେ ନିଜ ଚକ୍ଷୁରେ ଏକ ପରିବର୍ତ୍ତନ ଅନୁଭବ କରିବ । ଦୁଃଖ ଜଣଙ୍କୁ ମୂର୍ଚ୍ଛିତ କରିପାରେ, ଅନିଦ୍ରା ରଖିପାରେ, ସ୍ମୃତି ଶକ୍ତି ହ୍ରାସ କରି, ଭବିଷ୍ୟତ୍ ବିଷୟରେ ତାକୁ ନିରାଶ କରିପାରେ । ଆମେ ଅନ୍ୟମାନଙ୍କଠାରୁ ପାଉଥିବା ସାହାଯ୍ୟ ମଧ୍ୟ ହ୍ରାସ ପାଇଯାଏ । ଏହି ପରିସ୍ଥିତିରୁ ବାହାରି ଆସିବା ପାଇଁ ଆମେ କ'ଣ କରିପାରିବା ? ଆମେ ନିରୁତ୍ସାହିତ ନ ହୋଇ, ଦୁଇଟି କାର୍ଯ୍ୟ କରିପାରିବା : (୧) ଆମେ ଆମର ବାସ୍ତବ ସ୍ଥିତି ବିଷୟରେ ଈଶ୍ୱରଙ୍କୁ ପ୍ରାର୍ଥନାରେ ଜଣାଇପାରିବା । **"ମୁଁ ଆପଣାର ସକଳ ଗତି ବର୍ଣ୍ଣନା କରନ୍ତେ, ତୁମ୍ଭେ ମୋତେ ଉତ୍ତର ଦେଲ"** (ଗୀତସଂହିତା ୧୧୯:୨୬) । ଈଶ୍ୱରଙ୍କ ସହିତ ସମୟ କାଟିବା ଓ ତାଙ୍କ ସହିତ କଥାବାର୍ତ୍ତା କରିବା ଦ୍ୱାରା ମହାବିଜୟ ପ୍ରାପ୍ତି ହେବ । ମାତ୍ର ଏହି ଦିନଗୁଡ଼ିକରେ, ଲୋକମାନେ ସେମାନଙ୍କ ନିଜ ନିଜ କାର୍ଯ୍ୟରେ ଓ ନିଜ ନିଜ ବିଷୟରେ ଅଧିକ ସମୟ କାଟୁଛନ୍ତି ଓ ଜାଗତିକ ଲାଭ, ଆମୋଦ ପ୍ରମୋଦ ଓ ଦୂର ଦର୍ଶନର କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଉଛନ୍ତି, ସେମାନେ ପ୍ରାର୍ଥନାରେ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରୁ ନାହାନ୍ତି ।

ଆଜିର ଖ୍ରୀଷ୍ଟିଆନ ଦୂରଦର୍ଶନ ପ୍ରଚାରକମାନେ ଅନେକ ଆତ୍ମିକମନା ଖ୍ରୀଷ୍ଟିଆନଙ୍କୁ ଅଳସୁଆ କରି ଦେଇଛନ୍ତି । ସେମାନେ ଅନେକ ପ୍ରାର୍ଥନାଶୀଳ ଖ୍ରୀଷ୍ଟିଆନଙ୍କୁ ପ୍ରାର୍ଥନାବିହୀନ, ଅନେକ ବାଇବଲ ପଠନକାରୀଙ୍କୁ ବାଇବଲ ପଠନ ପାଇଁ ଅନିଚ୍ଛୁକ କରି ଦେଇଛନ୍ତି । ଏହା ଏକ ଅଭ୍ୟାସଗତ ପ୍ରଥା ହୋଇଯାଇଛି । ମାତ୍ର ଆପଣ କିଛି ସମୟ ପାଇଁ ଖ୍ରୀଷ୍ଟିଆନ କାର୍ଯ୍ୟକ୍ରମ ଦେଖି ଏହାକୁ ବନ୍ଦ କରିପାରିବେ ଓ ଏହାପରେ ପ୍ରାର୍ଥନା, ବାଇବଲ ପଠନ ଓ ଧ୍ୟାନରେ ସମୟ କାଟିପାରିବେ । ଏହାଦ୍ୱାରା ଆପଣ ବିଜୟ ବିଷୟରେ ସୁନିଶ୍ଚିତ ହୋଇପାରିବେ । ଯଦି ଆପଣ ସକାଳୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ଟି.ଭି. ଦେଖୁଥିବେ,

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


ନିହିମିଆ ବାଇବଲ

ଆବାସିକ ମହାବିଦ୍ୟାଳୟ, ସାଂଧ୍ୟ କଲେଜ

ଭେଲାଚେରୀ / ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ

ମାଧ୍ୟମ - ହିନ୍ଦୀ / ତାମିଲ

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ

ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : The Chairman, Nehemiah Bible College.

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.

Phone : (+91-44) 2852 8282, Cell : (+91) 98410 71852 / 95661 31858

E.mail : sam@echoofhiscall.org / Website : www.echoofhiscall.org

✶ ONLINE CLASSES ARE AVAILABLE ✶

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)
ପ୍ରଶଂସା ଓ ପ୍ରାର୍ଥନାର ବିଷୟ,
(୨୦୨୨ ଜୁନ ୧୯ ରୁ ୨୦୨୨ ଜୁଲାଇ ୧୮ ପର୍ଯ୍ୟନ୍ତ)
(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ଜୁନ ୧୯ – ଆମର ପ୍ରଭୁ ଆମର ସହଯୋଗୀ ସଂପାଦକ ଭାଇ.ମାନୁୟେଲ ପଲ୍‌ରାଜଙ୍କୁ ଓ ତାଙ୍କର ପରିବାରକୁ ସମସ୍ତ ମନ୍ଦଶକ୍ତିରୁ ସୁରକ୍ଷା ଦେଉଛନ୍ତି ।

ଜୁନ ୨୦ – ପ୍ରଭୁ ଆମର ପୂର୍ବମାସର ପ୍ରଚାର ଯାତ୍ରା ଉପରେ ଆଶୀର୍ବାଦ କରିଥିବାରୁ ତାଙ୍କର ପ୍ରଶଂସା କରନ୍ତୁ ।

ଜୁନ ୨୧ – ପ୍ରାର୍ଥନା ଓ ଅର୍ଥ ସହାୟତା ଦେଉଥିବା ଆମର ସାଥୀମାନଙ୍କ ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ଜୁନ ୨୨ – ଈଶ୍ୱର ଗତମାସ ‘‘ଆହ୍ୱାନର ପ୍ରତିଧ୍ୱନି’’ ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟରେ ଆଶୀର୍ବାଦ କରିଥିଲେ ।

ଜୁନ ୨୩ – ଈଶ୍ୱର ଉତ୍ତର ଭାରତର ଦୁର୍ଗମ ଅଞ୍ଚଳରେ ସୁସମାଚାର ପହଞ୍ଚାଇବାରେ ଆମକୁ ସାହାଯ୍ୟ କରିଥିଲେ ।

ଜୁନ ୨୪ – ଆମର ହିନ୍ଦୀ ଅନ୍‌-ଲାଇନ୍ ଥିଓଲୋଜିକାଲ୍ ପାଠ୍ୟକ୍ରମ ଉପରେ ପ୍ରଚୁର ଦୟା କରିଥିବାରୁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ଜୁନ ୨୫ – ଈଶ୍ୱର ଆମର ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ନୂତନ ବିଶ୍ୱାସୀମାନଙ୍କୁ ସଂଯୁକ୍ତ କରିଛନ୍ତି ।

ଜୁନ ୨୬ – ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ପାଇଁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ଜୁନ ୨୭ – ଆମେ ଆମ ମିଶନ କ୍ଷେତ୍ରଗୁଡ଼ିକରୁ ଉତ୍ତମ ସମ୍ବାଦ ପାଉଅଛୁ ।

ଜୁନ ୨୮ – ଆମେ ଏ ପର୍ଯ୍ୟନ୍ତ ଏହି ଅନୁଷ୍ଠାନଟିକୁ ଚଳାଇବାରେ ସଫଳ ହୋଇଥିବାରୁ ପ୍ରଭୁଙ୍କର ପ୍ରଶଂସା କରନ୍ତୁ ।

ଜୁନ ୨୯ – ଆମର ରବିବାର ଉପାସନା ଓ ଅନ୍ୟାନ୍ୟ ଉପାସନା ଉପରେ ପ୍ରଭୁଙ୍କର ଅନୁଗ୍ରହ ପାଇଁ ତାଙ୍କର ପ୍ରଶଂସା କରନ୍ତୁ ।

ଜୁନ ୩୦ – ଈଶ୍ୱର ଆମର ମୁଖ୍ୟ ଉପାସନାଳୟଠାରେ ମହିଳା ସଭା ଉପରେ ଆଶୀର୍ବାଦ କରିଛନ୍ତି ।

ଜୁଲାଇ ୧ – ୧୯୬୯ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ଈଶ୍ୱରଙ୍କ ଆଶୀର୍ବାଦ ପାଇଁ ତାଙ୍କୁ ଧନ୍ୟବାଦ ଦିଅନ୍ତୁ ।

ଜୁଲାଇ ୨ – ଈଶ୍ୱର ଆମ ମୁଖ୍ୟ ଉପାସନାଳୟରେ ପୁରୁଷମାନଙ୍କ ସଭା ଉପରେ ଆଶୀର୍ବାଦ କରିଛନ୍ତି ।

ଜୁଲାଇ ୩ – ଈଶ୍ୱର ଆମର ଛାପାକଳରେ ମୁଦ୍ରିତ ହୋଇ, ମିଶନ କ୍ଷେତ୍ରକୁ ପ୍ରେରିତ ହେଉଥିବା ୧୬ଟି ଭାଷାରେ ପ୍ରକାଶିତ ଆମର ପତ୍ରିକା ଉପରେ ଆଶୀର୍ବାଦ କରିଛନ୍ତି ।

## ପ୍ରାର୍ଥନାର ବିଷୟ

ଜୁଲାଇ ୪ – ଆମର ଇଂରାଜୀ ସହଯୋଗୀ ସଂପାଦକ ଭାଇ ମାନୁୟେଲ୍ ପଲ୍‌ରାଜଙ୍କର ସଂପୂର୍ଣ୍ଣ ସୁସ୍ଥତା ପାଇଁ ପ୍ରାର୍ଥନା କରିବା ଅବ୍ୟାହତ ରଖନ୍ତୁ ।

ଜୁଲାଇ ୫ – ଈଶ୍ୱର ଆମର ‘‘ଆହ୍ୱାନର ପ୍ରତିଧ୍ୱନି’’ ସେବାକାର୍ଯ୍ୟକୁ ଯେପରି ଅଧିକ ଉତ୍ସର୍ଗୀକୃତ କାର୍ଯ୍ୟକାରୀମାନଙ୍କୁ ଆଣିବେ ।

ଜୁଲାଇ ୬ – ଈଶ୍ୱର ଯେପରି ଆମର ସଂଯୋଜକ ଓ ପାଳକମାନଙ୍କୁ ନୂତନ ଶକ୍ତି ପ୍ରଦାନ କରିବେ ।

ଜୁଲାଇ ୭ – ଆସନ୍ତୁ, ପୃଥିବୀର ସମସ୍ତ ଆତ୍ମିକ ନେତାମାନଙ୍କ ପାଇଁ ପ୍ରାର୍ଥନା କରିବା ।

ଜୁଲାଇ ୮ – ପୃଥିବୀର ସମସ୍ତ ଦେଶବାସୀଙ୍କ ଉପରେ ଆଶୀର୍ବାଦ କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୯ – ଆମ ବରିଷ୍ଠ ପାଳକଙ୍କର ‘‘ଆତ୍ମ-ଜୀବନୀ’’ ଲେଖା ଉପରେ ଆଶୀର୍ବାଦ ଓ ଚାଳନା ଦେବା ପାଇଁ ସର୍ବଶକ୍ତିମାନ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୦ – ଆମର ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସୀସାଥୀ, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀ ଓ ସେମାନଙ୍କର ପରିବାରଗୁଡ଼ିକ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୧ – ଈଶ୍ୱର ଯେପରି ଏହି ମାସରେ ‘‘ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ’’କୁ ଆବଶ୍ୟକୀୟ ଅର୍ଥ ଯୋଗାଇବେ ।

ଜୁଲାଇ ୧୨ – ଆମ ମିଶନ କ୍ଷେତ୍ରର କାର୍ଯ୍ୟକାରୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୩ – ଆମର ପ୍ରଚାରଧର୍ମୀ ସଭାଗୁଡ଼ିକ ଓ ସମସ୍ତ ଆନୁଷ୍ଠାନିକ କାର୍ଯ୍ୟ ଉପରେ ପ୍ରଭୁଙ୍କର ଦୟାପୂର୍ଣ୍ଣ ସମ୍ମତି ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୪ – ଆମ ପ୍ରଚାରକମାନଙ୍କର ଅର୍ଥ ଆବଶ୍ୟକତା ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୫ – ପୃଥିବୀର ସମସ୍ତ ଦେଶରୁ କରୋନା ମହାମାରୀ ଯେପରି ଦୂର ହେବ, ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୬ – ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାଚରଣର ଦୂରୀକରଣ ପାଇଁ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୭ – ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନଗୁଡ଼ିକ ନିମନ୍ତେ ପ୍ରାର୍ଥନା କରନ୍ତୁ ।

ଜୁଲାଇ ୧୮ – ଈଶ୍ୱର ଯେପରି ଆମର ବରିଷ୍ଠ ପାଳକ, ଏସ୍.ସାମ୍. ସେଲ୍‌ଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେବା ଅବ୍ୟାହତ ରଖିବେ ।

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ତେବେ ଆପଣ ନିଶ୍ଚୟ ବିଫଳ ହେବେ । କାରଣ ଏହି କାର୍ଯ୍ୟକ୍ରମଗୁଡ଼ିକରେ ଅନୈତିକ ମତବାଦ ଓ ସୂଚନା ରହିଥିବାରୁ ଅନେକ ନିରୀହ ଲୋକ ପ୍ରତାରିତ ହୋଇ ଦ୍ୱନ୍ଦର ଚକ୍ରବ୍ୟୁହ ମଧ୍ୟରେ ପଡୁଛନ୍ତି । ଭୁଲ୍ ଉଦ୍ଧାର ସମ୍ବନ୍ଧରେ ପ୍ରଚାର କରୁଥିବା ପ୍ରତ୍ୟେକଟି ବ୍ୟକ୍ତି ପରିତ୍ରାଣ ବିଷୟ ପରିବର୍ତ୍ତେ ସେମାନଙ୍କ ନିଜସ୍ୱ ଇଚ୍ଛାକୁ ପ୍ରାଧାନ୍ୟ ଦିଅନ୍ତି । ଏହା ମଧ୍ୟ ସମସାମୟିକ ବିପର୍ଯ୍ୟୟର ଏକ ପ୍ରମାଣ ଅଟେ । ଆଶା କରୁଛି, ଆପଣ ଜୀବିକାକୁ ଉଦ୍ଧାର କରିବା ପାଇଁ ଆପଣଙ୍କ ବିଶ୍ୱାସରେ ନିଶ୍ଚୟ ଅଗ୍ରସର ହେବେ ।

(୨) ଆପଣ ଈଶ୍ୱରଙ୍କ ସମ୍ମୁଖରେ ଆପଣଙ୍କ ହସ୍ତ ପ୍ରସାରିବା ଆବଶ୍ୟକ । ଏହା ଏହି ବିଷୟକୁ ସୂଚିତ କରେ ଯେ ଆପଣଙ୍କର ମନୋଯୋଗୀତା ଓ ବିଶ୍ୱାସ କେବଳ ଈଶ୍ୱରଙ୍କ ଉପରେ ରହିବା ଉଚିତ । ଯଦି ଆପଣ ଅନ୍ୟମାନଙ୍କୁ କ୍ଳେଶ ଦେବା ଓ ପ୍ରତାରଣା କରିବା ଅବ୍ୟାହତ ରଖିଛନ୍ତି, ତେବେ ଦୀର୍ଘ ସମୟ ଧରି ପ୍ରାର୍ଥନା କରିବା ଓ ଅନେକ ଦିନ ଉପବାସ କରିବା ଅର୍ଥହୀନ ଅଟେ । ଈଶ୍ୱରଙ୍କ ବାକ୍ୟକୁ ଶୁଣୁ ନ ଥିବା ବ୍ୟକ୍ତିର ପ୍ରାର୍ଥନା ଏକ ଘୃଣ୍ୟ ବିଷୟ ଅଟେ । **"ଦୁଷ୍ଟମାନଙ୍କର ବଳିଦାନ ସଦାପ୍ରଭୁଙ୍କଠାରେ ଘୃଣା ବିଷୟ ଅଟେ, ମାତ୍ର ସରଳ ଲୋକଙ୍କର ପ୍ରାର୍ଥନା ତାହାଙ୍କର ତୁଷ୍ଟିକର । ଦୁଷ୍ଟର ଗତି ସଦାପ୍ରଭୁଙ୍କର ଘୃଣା ବିଷୟ, ମାତ୍ର ଧାର୍ମିକତାର ଅନୁଗାମୀକୁ ସେ ପ୍ରେମ କରନ୍ତି"** (ହିତୋପଦେଶ ୧୫:୮,୯) । **"ଯେଉଁ ଲୋକ ବ୍ୟବସ୍ଥା ଶୁଣିବାକୁ ଆପଣା କର୍ଣ୍ଣ ଫେରାଏ, ତାହାର ପ୍ରାର୍ଥନା ହିଁ ଘୃଣାର ବିଷୟ ହୁଏ"** (ହିତୋପଦେଶ ୨୮:୯) ।

ଆଜି ଆପଣଙ୍କର ଦୃଷ୍ଟି କେଉଁଠାରେ ଅଛି ? ଆପଣ କାହାଠାରୁ ସାହାଯ୍ୟ ଆଶା କରୁଛନ୍ତି ? ଆପଣ କେଉଁ ମାର୍ଗରେ ଅନୁସନ୍ଧାନ କରୁଛନ୍ତି ?

## ୩. ଆତ୍ମା ଭଗ୍ନ ହୁଏ

**"ଆନନ୍ଦିତ ମନ ମୁଖକୁ ପ୍ରଫୁଲ୍ଲ କରେ, ପୁଣି, ମନର ଶୋକରେ ଆତ୍ମା ଭଗ୍ନ ହୁଏ" (ହିତୋପଦେଶ ୧୫:୧୩) । "ଆନନ୍ଦିତ ହୃଦୟ ଉତ୍ତମ ଔଷଧ, ମାତ୍ର ଭଗ୍ନ ଆତ୍ମା ଅସ୍ଥିସବୁକୁ ଶୁଷ୍କ କରେ"** (ହିତୋପଦେଶ ୧୭:୨୨) ।

ଯଦି ଲୁହା, ପିତ୍ତଳ କିମ୍ବା ଆଲୁମିନିୟମରେ ନିର୍ମିତ ଯେ କୌଣସି ପଦାର୍ଥ ଭାଙ୍ଗିଯାଏ, ତେବେ ଏହାକୁ ପୁଣିଥରେ ଯୋଡ଼ି ହେବ । ମାତ୍ର ଆମ ହୃଦୟରେ ଲୁକ୍କାୟିତ ଥିବା ଆତ୍ମା ଭଗ୍ନ ହେଲେ, କୌଣସି ଦକ୍ଷ ଡାକ୍ତର କିମ୍ବା ମନସ୍ତତ୍ତ୍ୱବିଦ୍ ଏହାକୁ ସଜାଡ଼ି ପାରିବେ ନାହିଁ । ଆମେ ଜଗତରେ ଯେଉଁ ବିଫଳତା, ଅର୍ଥନୈତିକ ସଙ୍କଟ, ଅସୁସ୍ଥତା ଓ ପାରିବାରିକ ସମସ୍ୟାର ସମ୍ମୁଖୀନ ହେଉ, ସେଗୁଡ଼ିକ ଆମ ଭଗ୍ନ ହୃଦୟର କାରଣ ଅଟେ । ଏଗୁଡ଼ିକ ଦୂର କରିବାର ଏକମାତ୍ର ଉପାୟ ଅଛି ଓ ତାହା ହେଉଛି – ପ୍ରଭୁଙ୍କ ନିକଟକୁ ଯିବା । **"ଆସ, ଆମ୍ଭମାନେ ସଦାପ୍ରଭୁଙ୍କ ଗୃହକୁ ଯାଉ, ଏହି କଥା ଲୋକମାନେ ମୋତେ କହିବା ବେଳେ ମୁଁ ଆନନ୍ଦିତ ହେଲି"** (ଗୀତସଂହିତା ୧୨୨:୧) ।

ପ୍ରକୃତରେ ପ୍ରଭୁଙ୍କର ପ୍ରଶଂସା ଓ ଆରାଧନା କରୁଥିବା ଲୋକମାନଙ୍କ ସହଭାଗିତାରେ ରହିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଆପଣ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେବା ଓ କରତାଳି, ହସ୍ତ ଉତ୍ତୋଳନ ଓ ଆଣ୍ଠୁଭାଙ୍ଗିବା ସହିତ ପ୍ରଭୁଙ୍କର ଆରାଧନା କରିବା ଉଚିତ । ପୁଣି, ଯେଉଁ ମଣ୍ଡଳୀରେ ଆତ୍ମା ଓ ସତ୍ୟରେ ପ୍ରଭୁଙ୍କର ଉପାସନା କରାଯାଏ, ସେଠାରେ ଆନନ୍ଦର ସହିତ ଯୋଗ ଦେବା ଉଚିତ । ଏହାପରେ ଆପଣ ଆନନ୍ଦ ଓ ଖୁସିରେ ପରିପୂର୍ଣ୍ଣ ହେବେ, ଆପଣଙ୍କର ଅସୁସ୍ଥତା ଦୂରେଇ ଯିବ, ଆପଣଙ୍କ ବିରୁଦ୍ଧରେ କରାଯାଇଥିବା ଗଣକତା ଶକ୍ତିହୀନ ହେବ ଓ ଆପଣ ସ୍ଥାୟୀ ଭାବରେ ସମସ୍ତ ବନ୍ଧନରୁ ଉଦ୍ଧାର ପାଇବେ ।

ଆମେ ଆମର **"ଆହ୍ୱାନର ପ୍ରତିଧ୍ୱନି"** ବହୁଭାଷାବିଶିଷ୍ଟ ମଣ୍ଡଳୀରେ ଏହି ପ୍ରକାର ଉପାସନାର ଅନୁଭୂତି ପାଉଅଛୁ । କେତେ ଆନନ୍ଦ ! ଆମେ କେତେ ଖୁସି ଅଟୁ ! ଆମେ କେତେ ଶାନ୍ତି ଉପଭୋଗ କରୁଅଛୁ ! ପ୍ରିୟ ପାଳକମାନେ, ଆପଣମାନଙ୍କର ମଣ୍ଡଳୀ ସଦସ୍ୟମାନଙ୍କୁ ଏହି ପ୍ରକାର ଉପାସନା ମଧ୍ୟକୁ କଢ଼ାଇ ନିଅନ୍ତୁ ଓ ସେମାନଙ୍କ ବନ୍ଧନରୁ ମୁକ୍ତ ହେବାରେ ସେମାନଙ୍କୁ ସାହାଯ୍ୟ କରନ୍ତୁ । ପ୍ରିୟ ପାଠକମାନେ, ଆପଣମାନଙ୍କ ମଣ୍ଡଳୀକୁ ପ୍ରାଧାନ୍ୟ ଦିଅନ୍ତୁ । ଏହାପରେ, ଆପଣମାନେ ନିଜ ନିଜ ମଣ୍ଡଳୀର ପୂର୍ଣ୍ଣତା ଦ୍ୱାରା ଆଶୀର୍ବାଦପ୍ରାପ୍ତ ହେବେ । **"ସର୍ବଦା ପ୍ରଭୁଙ୍କଠାରେ ଆନନ୍ଦ କର, ପୁନଶ୍ଚ କହୁଅଛି, ଆନନ୍ଦ କର"** (ଫିଲିପ୍ପୀୟ ୪:୪) । କେବଳ ମଣ୍ଡଳୀ ହିଁ ସେହି ସ୍ଥାନ ଯେଉଁଠାରେ ପ୍ରଭୁ ଆଶାହୀନ ମାନଙ୍କୁ ଆଶା ଓ ଦୁଃଖୀ ଲୋକମାନଙ୍କୁ ଖୁସି ପ୍ରଦାନ କରନ୍ତି । ପ୍ରତି ରବିବାର ଆପଣଙ୍କ ମଣ୍ଡଳୀରେ ଓ ଅନ୍ୟ ସଭାଗୁଡ଼ିକରେ ଉପାସନା କରନ୍ତୁ । **"ଯେଉଁମାନେ ସଦାପ୍ରଭୁଙ୍କ ଗୃହରେ ରୋପିତ ହୁଅନ୍ତି, ସେମାନେ ଆମ୍ଭମାନଙ୍କ ପରମେଶ୍ୱରଙ୍କ ପ୍ରାଙ୍ଗଣରେ ବର୍ଦ୍ଧିଷ୍ଣୁ ହେବେ"** (ଗୀତ ୯୨:୧୩) ।

## ୪. ଏହା ବିଷାଦଗ୍ରସ୍ତ କରାଏ

**"ମନୁଷ୍ୟର ମନୋବ୍ୟଥଶ ମନକୁ ନତ କରେ, ମାତ୍ର ମଙ୍ଗଳର ବାକ୍ୟ ତାହାର ହରଷ ଜନ୍ମାଏ"** (ହିତୋପଦେଶ ୧୨:୨୫) ।

ବିଷାଦ ପ୍ରକୃତରେ ହୃଦୟକୁ ସଙ୍କୁଚିତ କରେ, ଏହା ହୃଦୟକୁ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବାରେ ବାଧା ଦିଏ । ଲୋକମାନେ ବିଷାଦଗ୍ରସ୍ତ ଥିବା ସମୟରେ ଅବାଧରେ ଚିନ୍ତା କରିପାରନ୍ତି ନାହିଁ । କିଛି ସମସ୍ୟା ଯୋଗୁ ଆମ ମନରେ ଘଟୁଥିବା ପରିବର୍ତ୍ତନ ଆମକୁ କଠୋର ନିଷ୍ପତ୍ତି ନେବା ପାଇଁ ଚାଳନା ଦିଏ । ଏହା ଏକ ରହସ୍ୟ ଭଳି ମନେହୁଏ ଯେ ଯୀଶୁ ଖ୍ରୀଷ୍ଟଙ୍କ ମାର୍ଗରେ ଜୀବନ କାଟୁଥିବା କୌଣସି ବ୍ୟକ୍ତି କେବେ ହେଲେ ଆତ୍ମହତ୍ୟା କରିବା ବିଷୟ ଚିନ୍ତା କରେ ନାହିଁ । ଏହା ଏକ ବାସ୍ତବ ବିଷୟ ଅଟେ । ଆଶ୍ଚର୍ଯ୍ୟଜନକ ମଧ୍ୟ ଅଟେ । ଏହାହିଁ ଖ୍ରୀଷ୍ଟଧର୍ମକୁ ଅନ୍ୟ ସମସ୍ତ ଧର୍ମୀୟ ଚିନ୍ତାଧାରାର ଉର୍ଦ୍ଧ୍ୱରେ ସ୍ଥାପନ କରେ ।

ଯଦିଓ ଦାଉଦ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ତଥାପି ପ୍ରଭୁଙ୍କ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା । **"ଏଥିରେ ଦାଉଦ ଅତିଶୟ ଉଦ୍‌ବିଗ୍ନ ହେଲେ । ... ମାତ୍ର ଦାଉଦ ଆପଣା ସଦାପ୍ରଭୁ ପରମେଶ୍ୱରଙ୍କଠାରେ ଆପଣାକୁ ସବଳ କଲେ"** (୧ ଶାମୁୟେଲ ୩୦:୬) ।

## ୫. ଦାଉଦଙ୍କର ଦୈନିକ ଅନୁଭୂତି

**"ହେ ପରମେଶ୍ୱର, ମୋତେ ଦୟାକର, କାରଣ ମନୁଷ୍ୟ ମୋତେ ଗ୍ରାସ କରିବାକୁ ଉଦ୍ୟତ"** (ଗୀତସଂହିତା ୫୬:୧) ।

### କଷ୍ଟ ଓ ସମସ୍ୟା ୩ଟି ଭିନ୍ନ ଭିନ୍ନ ମାର୍ଗରେ ଆସେ :

(୧) ଆମର ଚିନ୍ତା ଯୋଗୁ
(୨) ଆମେ ଆମ ଜୀବନରେ ନେଉଥିବା ଭୁଲ୍ ନିଷ୍ପତ୍ତି
(୩) ମନ୍ଦ ଆତ୍ମାର ପ୍ରଭାବ ଯୋଗୁ । ଲୋକମାନଙ୍କର ଈର୍ଷା ଓ ବିରକ୍ତି ଯୋଗୁ ।

## ଲୋକମାନଙ୍କ ପ୍ରତି ଭୟ

ବେଳେବେଳେ ଆମେ ନିଜ ନିଜ ଉପରୁ ବିଶ୍ୱାସ ହରେଇ ଦେଉ ଓ ଶେଷରେ ମନର ଏହି ଅବସ୍ଥା ଯୋଗୁ ଆମେ ଏକ ଅତି ବିପଜ୍ଜନକ ସ୍ଥିତିରେ ରହୁ । ଏହିପରି ଏକ ପରିସ୍ଥିତିରେ, ଦାଉଦ କହିଛନ୍ତି, "ମନୁଷ୍ୟ ମୋତେ ଗ୍ରାସ କରିବାକୁ ଉଦ୍ୟତ ।" ଭୟ ଓ ସନ୍ଦେହ ଯୋଗୁ ଜଣେ ଶକ୍ତିଶାଳୀ ଲୋକ ମଧ୍ୟ ଶକ୍ତିହୀନ ଓ ଅଦରକାରୀ ହୋଇଯାଏ । ଏଥିରେ କୌଣସି ଦ୍ୱିମତ ନାହିଁ ।

ଦାଉଦ ନିଜର ଶତ୍ରୁମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିବାରୁ, ଅନ୍ୟମାନଙ୍କଠାରୁ ଆକ୍ରମଣର ଭୟ ଓ ଆସନ୍ନ ଯୁଦ୍ଧର ବିପଦ ମଧ୍ୟରେ ଥିଲେ । ଅଧିକନ୍ତୁ, ସେ ନିଜ ଆତ୍ମୀୟମାନଙ୍କ ଦ୍ୱାରା ମଧ୍ୟ ବିପଦଗ୍ରସ୍ତ ହୋଇ ଅତିରିକ୍ତ ଭୟ ମଧ୍ୟରେ ରହିଥିଲେ । **"ମୋହର ଭୟ ଓ କମ୍ପ ହେଲା, ତଦ୍ଦ୍ୱାରା ମୋହର ଅସ୍ଥିସବୁ ଥରହର ହେଲା । ତହିଁରେ ମୋ' ସମ୍ମୁଖରେ ଏକ ଆତ୍ମା ଚାଲିଗଲା, ମୋ' ଶରୀର ରୋମାଞ୍ଚିତ ହୋଇ ଉଠିଲା"** (ଆୟୁବ ୪:୧୪,୧୫) ।

ଏପରି ଭୟ ଅଛି ଯାହାକୁ ଧର୍ମଶାସ୍ତ୍ର ସଂପୂର୍ଣ୍ଣ ଭାବରେ ବାରଣ କରିଅଛି । ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଏହି ପ୍ରକାର ଭୟ ଦ୍ୱାରା ଆକ୍ରାନ୍ତ ଲୋକମାନଙ୍କୁ ବାଇବଲ ଅଗ୍ନିମୟ ହ୍ରଦ ମଧ୍ୟରେ ପତିତ ହେବାକୁ ଯାଉଥିବା ଲୋକମାନଙ୍କ ମଧ୍ୟରେ ରଖିଅଛି । **"... ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣ୍ୟକଳଙ୍କିତ ନରଘାତକ, ବ୍ୟଭିଚାରୀ, ମାୟାବୀ ଓ ପ୍ରତିମାପୂଜକ, ସେମାନେ ଓ ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ଜ୍ୱଳିତ ହ୍ରଦରେ ଅଂଶ ପାଇବେ, ଏହାହିଁ ଦ୍ୱିତୀୟ ମୃତ୍ୟୁ"** (ପ୍ରକାଶିତ ୨୧:୮) । ଭୟର ପ୍ରତିକାର କରା ନ ଗଲେ, ଏହା ଆମର ଅନନ୍ତକାଳକୁ ନଷ୍ଟ କରି

ଦେଇପାରେ । କେବଳ ଈଶ୍ୱରଙ୍କ ବାକ୍ୟରୂପକ ଦ୍ୱି-ଧାର ଖଡ୍‌ଗ ସାହାଯ୍ୟରେ, ଆମେ ଏହି ଭୟକୁ ଆମ ଜୀବନରୁ ଦୂର କରିପାରିବା ।

ସର୍ବପ୍ରଥମେ, ଆମେ ଭୟକୁ ଠିକ୍ ଭାବରେ ଚିହ୍ନିବା ଆବଶ୍ୟକ । ଏହା ଏକ ଅନ୍ଧକାରର ଆତ୍ମା ଅଟେ । **"କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି"** (୨ ତୀମଥି ୧:୭) । ଏହାର ଉତ୍ପତ୍ତି ସ୍ଥଳ ନର୍କ ଅଟେ ଓ ଈଶ୍ୱରଙ୍କ ସହିତ ଏହାର କିଛି ସଂପର୍କ ନାହିଁ । ପ୍ରକୃତରେ, ଏହାର ଉପସ୍ଥିତି ଜଣେ ମନୁଷ୍ୟକୁ ଈଶ୍ୱରଙ୍କଠାରୁ ଦୂରରେ ରଖେ । କେତେକ ଲୋକ ଭୟକୁ ଏକ ମନୋଭାବ, ଏକ ବଂଶଗତ ସ୍ୱଭାବ କିମ୍ବା ଏକ ସାଧାରଣ ଅଭ୍ୟାସ ବୋଲି ବିଚାର କରନ୍ତି । ଭୟକୁ ସହଜ ଭାବେ ଗ୍ରହଣ କରିବାଠାରୁ ଅଧିକ ଗୁରୁତର ଆତ୍ମିକ ମୂର୍ଖତା ଆଉ ନାହିଁ । ଏହା ପ୍ରକୃତରେ କେତେଗୁଡ଼ିଏ ପରମାଣୁକୁ ନେଇ ଗଠିତ ପରମାଣୁ ବୋମା ହୋଇପାରେ ଓ ଆପଣଙ୍କ ଜୀବନ ଉପରେ ବିପର୍ଯ୍ୟୟ ଆଣିପାରେ । ଏହା ଶୟତାନଠାରୁ ଉତ୍ପନ୍ନ । ସେଥିପାଇଁ ଏହାର ପ୍ରତିରୋଧ କରନ୍ତୁ । ଆଜି ଭୟକୁ ସହ୍ୟ କରିବା ଅର୍ଥ ଏକ ସିଂହ ଶାବକକୁ ପୋଷିବା । ଏହା ଦିନେ ଆପଣଙ୍କୁ ଆକ୍ରମଣ କରି ହତ୍ୟା କରିବ । ସେହି ମନ୍ଦଆତ୍ମାକୁ ଆଜି ଆପଣଙ୍କ ଜୀବନରୁ ଦୂର କରନ୍ତୁ ।

ଈଶ୍ୱରଙ୍କ ବାକ୍ୟ ଭୟର ଆତ୍ମା ବିଷୟରେ ଯାହା କହେ, ତାହା ଜାଣି ବର୍ତ୍ତମାନଠାରୁ ଏହା ବିରୁଦ୍ଧରେ ଏକ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରନ୍ତୁ ଓ ଏହାକୁ ଦୂରେଇ ଦିଅନ୍ତୁ । ଜଣେ ବିଶ୍ୱାସୀର ହସ୍ତରେ ଶତ୍ରୁ ବିରୁଦ୍ଧରେ ଥିବା ସର୍ବାଧିକ ମାରାତ୍ମକ ଅସ୍ତ୍ର ଯୀଶୁ ଖ୍ରୀଷ୍ଟଙ୍କର ରକ୍ତ ଅଟେ । ଆପଣ ଯେତେଥର ଏହାକୁ ବ୍ୟବହାର କରନ୍ତି, ଶତ୍ରୁ ନିଜ ପଥରେ ସ୍ଥାଣୁ ହୋଇ ରହିଯାଏ । ଶୟତାନକୁ ଥରହର ହେବାକୁ ଦିଅନ୍ତୁ । ଆମ ଜୀବିକାର ଗୋଟିଏ ଅତି ସରଳ ବିଷୟ ମଧ ଯୀଶୁଙ୍କ ରକ୍ତ ଦ୍ୱାରା ଆବୃତ ରହିବା ଉଚିତ । କେବଳ ତଦ୍ୱାରା ମନ୍ଦଆତ୍ମା ଦୂରୀଭୂତ ହେବ ।

**"ଯେଣୁ ମୁଁ ଯାହା ଭୟ କରେ, ତାହା ହିଁ ମୋ' ପ୍ରତି ଘଟେ । ଆଉ ମୁଁ ଯହିଁ ବିଷୟରେ ଭୀତ, ତାହା ହିଁ ମୋ' ନିକଟରେ ଉପସ୍ଥିତ ହୁଏ"** (ଆୟୁବ ୩:୨୫) ।

ଯେଉଁ ସମୟରେ ଶୟତାନ ଅତି ଦୁର୍ବଳ ଅନୁଭବ କରେ, ସେହି ସମୟରେ ହିଁ ସେ ପ୍ରକାଶିତ ହୁଏ କାରଣ ସେ ନର୍କକୁ ନ ଯିବା ପର୍ଯ୍ୟନ୍ତ, ସେ ଥରେ ମାତ୍ର ତା'ର ବାସ୍ତବ ଚିତ୍ର ପ୍ରଦର୍ଶନ କରିବ ନାହିଁ । ଆପଣଙ୍କ ଜୀବନରୁ ମନ୍ଦଆତ୍ମାକୁ ଦୂରେଇ ଦେବା ପାଇଁ ଆମର ଏକମାତ୍ର ଉଦ୍ଧାରକର୍ତ୍ତାଙ୍କ ରକ୍ତ ଓ ଆମର ସ୍ଥିର ବିଶ୍ୱାସକୁ ଧରି ରଖିବାକୁ ହେବ । ସେ ମୁଖା ତଳେ ଏଣେ ତେଣେ ଘୁରି ବୁଲୁଥିବା ଗୋଟିଏ ଭୟଙ୍କର ପ୍ରତାରକ ଅଟେ । ୨ କରିନ୍ଥୀୟ ୨:୧୧ରେ ଲେଖାଯାଇଛି, **"ଯେପରି ଶୟତାନ ଆମ୍ଭମାନଙ୍କର ଅପକାର କରିବାକୁ ସୁଯୋଗପ୍ରାପ୍ତ ନ ହୁଏ । କାରଣ ଆମ୍ଭେମାନେ ତା'ର ସମସ୍ତ କଳ୍ପନା ସମ୍ବନ୍ଧରେ ଅଜ୍ଞ ନୋହୁଁ ।"** ଶୟତାନକୁ ନିୟନ୍ତ୍ରଣ କରିବା ପାଇଁ ତା'ର ସମ୍ମୁଖୀନ ହେବା ସମୟରେ, ଆମକୁ ନିଶ୍ଚୟ ତା'ର କୌଶଳ ବିଷୟରେ ସଚେତନ ହେବାକୁ ପଡ଼ିବ । ତାହା ଅତି ମୁଖ୍ୟ ବିଷୟ ଅଟେ ।

## ଦ୍ୱାରୀ

ଗୋଟିଏ ଦ୍ୱାରୀର କାର୍ଯ୍ୟ ହେଉଛି, ନିଜ ମାଲିକଙ୍କର ଆଗେ ଆଗେ ଯାଇ ତାଙ୍କ ପାଇଁ ଦ୍ୱାର ଖୋଲିବା । ଭୟ ଶୟତାନର ଦ୍ୱାରୀ ଅଟେ । ଯଦି ଶୟତାନକୁ କେବେ କୌଣସି ବଡ଼ କାର୍ଯ୍ୟ କରିବାକୁ ଥାଏ, ତେବେ ତା' ପାଇଁ ଭୟ ଅତି ଆବଶ୍ୟକ ହୁଏ । ଶୟତାନର ସମସ୍ତ ମିତ୍ରମାନଙ୍କ ମଧ୍ୟରୁ ଭୟ ତା'ର ଅତି ଘନିଷ୍ଠ ଅଟେ । ଶୟତାନ ତା'ର ଯୋଜନାଗୁଡ଼ିକୁ ପ୍ରଥମେ ଭୟଜନକ ଆତ୍ମାର ପରାମର୍ଶ ନିକଟରେ ସମର୍ପଣ କରେ । ଭୟ ଏକ ମନ୍ଦଆତ୍ମା ଅଟେ ଓ ଶୟତାନ ଯେପରି ନିଜର ବିହନ ବୁଣି ପାରିବ, ଏଥିପାଇଁ ଏହା ତା' ନିମନ୍ତେ ଭୂମି ପ୍ରସ୍ତୁତ କରିବା ପାଇଁ ଈଶ୍ୱରଙ୍କର ମୁଖ୍ୟ ଶତ୍ରୁଭାବେ ଆଗେ ଆଗେ ଗମନ କରେ । ଭୟ ଶୟତାନର କାର୍ଯ୍ୟ ପାଇଁ ପରିବେଶ, ଉପସ୍ଥିତି, ମାଧ୍ୟମ ଓ ପରିସ୍ଥିତି ସୃଷ୍ଟି କରେ । ଆମେ ଆୟୁବଙ୍କ କ୍ଷେତ୍ରରେ ଏହି ସତ୍ୟକୁ ଦେଖିଅଛୁ : **"... ମୁଁ ଯାହା ଭୟ କରେ, ତାହା ହିଁ ମୋ' ପ୍ରତି ଘଟେ ।"** ବିଶ୍ୱାସ ଯେପରି ପ୍ରାକୃତିକ ଜଗତର ପରିସର ମଧ୍ୟକୁ ଈଶ୍ୱରଙ୍କର ଅଦୃଶ୍ୟ ଆଶୀର୍ବାଦ ଆଣେ, ସେହିପରି ଭୟ ଦୃଶ୍ୟ ଜଗତ ମଧ୍ୟକୁ ଶୟତାନର ଅଦୃଶ୍ୟ ବିଷୟଗୁଡ଼ିକୁ ଆଣେ । ଶୟତାନ ଭୟକୁ ତା'ର ସମସ୍ତ ମନ୍ଦ ବିଷୟକୁ ନେବା ଆଣିବା କରିବା ପାଇଁ ଓ ଜଣେ ବ୍ୟକ୍ତିର ଜୀବନ ମଧ୍ୟକୁ ଧ୍ୱଂସ ଆଣିବା ପାଇଁ ଏକ ସେତୁ ଭାବରେ ବ୍ୟବହାର କରେ ।

ଯେଉଁ ଗୋଟିଏ ମାର୍ଗରେ ଶୟତାନ ନିଜ କାର୍ଯ୍ୟରେ ସଫଳ ହୁଏ, ତା' ହେଉଛି, ବ୍ୟକ୍ତିର ମନ ମଧ୍ୟରେ ଚିନ୍ତାଗୁଡ଼ିକୁ ବୁଣିବା । ସର୍ବଦା ଭୟ ପୂର୍ଣ୍ଣ ଚିନ୍ତାଗୁଡ଼ିକୁ ପ୍ରତିରୋଧ, ଅଗ୍ରାହ୍ୟ ଓ ଖଣ୍ଡନ କରନ୍ତୁ । ସେଗୁଡ଼ିକୁ ଆଦୌ ସ୍ୱୀକାର କରନ୍ତୁ ନାହିଁ । ଯୀଶୁଙ୍କ ନାମରେ, ଆପଣଙ୍କର ପବିତ୍ରତାର ପରିପୂର୍ଣ୍ଣ ଜୀବନ ମାଧ୍ୟମରେ ଏହି ଭୟର ଆତ୍ମାକୁ ଦୂରେଇ ଦିଅନ୍ତୁ । ଭୟ ପ୍ରଦର୍ଶନ ନ କରିବା ବିଷୟରେ ସୁନିଶ୍ଚିତ ହୁଅନ୍ତୁ । ଭୟକୁ ସ୍ୱୀକାର କରିବାର ଅର୍ଥ ଏହାକୁ ସମର୍ଥନ କରିବା ।

## ବକ୍ର ବାକ୍ୟ ସବୁ

**"ସେମାନେ ଦିନଯାକ ମୋହର କଥାର ବିପରୀତ ଅର୍ଥ କରନ୍ତି, ମୋ' ବିରୁଦ୍ଧରେ ସେମାନଙ୍କର କଳ୍ପନାସବୁ ଅମଙ୍ଗଳାର୍ଥକ"** (ଗୀତସଂହିତା ୫୬:୫) ।

ଆମ ମଧ୍ୟରୁ ଅନେକଙ୍କ ନିମନ୍ତେ ବିଭିନ୍ନ ମାର୍ଗରେ କଷ୍ଟସବୁ ଉତ୍ପନ୍ନ ହୁଏ । ଆମେ ଆମ କାର୍ଯ୍ୟସ୍ଥଳରେ ଯାହା କହି ନ ଥାଉ, ଏପରି କିଛି ବିଷୟ ପାଇଁ ଆମକୁ ହୁଏତ ଦୋଷୀ କରାଯାଏ । ଦାଉଦ ମଧ ତାଙ୍କ କଥାକୁ ବକ୍ର କରାଯିବାର ଓ ତାଙ୍କୁ ଦୋଷୀକୃତ କରାଯିବାର ଅନୁଭୂତି ପାଇଥିଲେ । ଏହା କେବଳ ଦିନେ ଘଟି ନ ଥିଲା ମାତ୍ର ଏହା ଏକ ଦୈନିକ ଘଟଣା ଥିଲା ।

ଯଦିଓ ଏହି ପ୍ରକାର ଅନପେକ୍ଷିତ ପରିସ୍ଥିତି ଆମର ଦୈନନ୍ଦିନ ଜୀବନରେ ଦେଖାଦିଏ, ତଥାପି ଆମେ ଏହା ଭୁଲିବା ଅନୁଚିତ ଯେ ଆମର ଯେଉଁ ଈଶ୍ୱର ଏହି ସମସ୍ତ ମନ୍ଦ ବିଷୟକୁ ମଙ୍ଗଳର ବିଷୟରେ ପରିବର୍ତ୍ତିତ କରିପାରନ୍ତି, ସେ ସର୍ବଦା ଆମ ସହିତ ଅଛନ୍ତି । ଆମେ ଗୀତସଂହିତା ୩୪:୧୯ରେ ପାଠ କରୁ, **"ଧାର୍ମିକର ବିପଦ ଅନେକ, ମାତ୍ର ସେସବୁରୁ ସଦାପ୍ରଭୁ ତାହାକୁ ଉଦ୍ଧାର କରନ୍ତି"** (ଗୀତସଂହିତା ୩୪:୧୯) । ଯେତେବେଳେ ଆମେ କଷ୍ଟକର ସମୟ ମଧ ଦେଇ ଗତି କରୁ, ସେତେବେଳେ ଏହା ଆମ ଜୀବନର ଶେଷ ବୋଲି ଆମେ ଭାବିବା ଅନୁଚିତ । ଆମେ ଏହା ବୁଝିବା ଆବଶ୍ୟକ ଯେ ଜଣେ ଧାର୍ମିକ ବ୍ୟକ୍ତି ଅନେକ ମନ୍ଦ ବିଷୟର ସମ୍ମୁଖୀନ ହୁଏ, ମାତ୍ର ଈଶ୍ୱର ତାକୁ ପ୍ରତ୍ୟେକ ପରିସ୍ଥିତିରୁ ଉଦ୍ଧାର କରିବେ ଓ ତାକୁ ସୁଖ ପ୍ରଦାନ କରିବେ । ମାତ୍ର, ଆପଣ କ'ଣ ଜଣେ ଧାର୍ମିକ ବ୍ୟକ୍ତି ? ଆପଣଙ୍କର ପାପ ସବୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା କ୍ଷମାପ୍ରାପ୍ତ ହୋଇଅଛି କି ? ଆପଣ ସଂପୂର୍ଣ୍ଣ ସଙ୍କୋଚ ଭାବରେ ପାପବିହୀନ ଜୀବନ କାଟୁଛନ୍ତି କି ? ଏହି ସମସ୍ତ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

**"ଯେତେ ଦିନ ଆମ୍ଭମାନଙ୍କୁ ଦୁଃଖ ଦେଇଅଛ ଓ ଯେତେ ବର୍ଷ ଆମ୍ଭେମାନେ ଅମଙ୍ଗଳ ଦେଖିଅଛୁ, ତଦନୁସାରେ ଆମ୍ଭମାନଙ୍କୁ ଆନନ୍ଦିତ କର"** (ଗୀତସଂହିତା ୯୦:୧୫) – ଏହି ପ୍ରାର୍ଥନା ଅନୁସାରେ, ଆମେ ହରାଇଥିବା ବିଷୟଗୁଡ଼ିକର କ୍ଷତି ପୂରଣ ଦେବା ପାଇଁ ଓ ଆମକୁ ଦୀର୍ଘାୟୁ ଓ ଖୁସି ଦେବା ପାଇଁ ଈଶ୍ୱର ଯଥେଷ୍ଟ ଶକ୍ତିଶାଳୀ ଅଟନ୍ତି । ଆପଣ ଧାର୍ମିକ ହୋଇଥିବାରୁ ଦୁଃଖଭୋଗ କରିବା ସମୟରେ, ଆପଣଙ୍କର ଜୀବନକାଳ ବୃଦ୍ଧି ପାଇବ । ଭୟ କରନ୍ତୁ ନାହିଁ । **"କ୍ଳେଶର ଦିନ ଗୁଡ଼ିକରେ, ମୁଁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଥିବା ମୋ' ବିଶ୍ୱାସକୁ ଧରି ରଖିବି । ଭୟର ଦିନଗୁଡ଼ିକରେ, ମୁଁ ନିଶ୍ଚୟ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ସ୍ନେହ ରଖିବି ।"** ଆପଣଙ୍କ ମୁଖରୁ ଉଚ୍ଚାରିତ ବିଶ୍ୱାସ ଓ ଆଶାପୂର୍ଣ୍ଣ ବାକ୍ୟ ନିଶ୍ଚୟ ଆପଣଙ୍କ ହୃଦୟରେ ଆନନ୍ଦ ଓ ଭରସା ଉତ୍ପନ୍ନ କରିବ ।

ସାଧାରଣ ଭାବରେ, ଯେତେବେଳେ ଆମେ ବଡ଼ ବଡ଼ କ୍ଳେଶ ଦ୍ୱାରା ଭାରଗ୍ରସ୍ତ ହେଉ, ସେତେବେଳେ ଆମ ମୁଖରୁ ନିର୍ଗତ ବାକ୍ୟ ଉତ୍ତମ ହୋଇ ନ ଥାଏ । ଯଦିଓ ଆମେ ଅତି ଅଭିଜ୍ଞ ଖ୍ରୀଷ୍ଟିଆନ ହୋଇ ଥାଇପାରୁ, ତଥାପି ଆମେ ବେଳେ ବେଳେ ନିମ୍ନ ପ୍ରକାର କଥା କହୁ :

୧) ପ୍ରଭୁ ମୋର ପ୍ରାର୍ଥନା ଶୁଣି ନାହାଁନ୍ତି (ଆୟୁବ ୩୦:୨୦) ।

୨) ମୋ' ପାଇଁ ପ୍ରଭୁ ଯତ୍ନଶୀଳ ନୁହଁନ୍ତି (ଆୟୁବ ୩୦:୨୦) ।

୩) ପ୍ରଭୁ ମୋ' ପ୍ରତି ନିର୍ଦ୍ଦୟ ଅଟନ୍ତି (ଆୟୁବ ୩୦:୨୧) ।

୪) ପ୍ରଭୁ ମୋ' ପ୍ରତି ଶତ୍ରୁ ସଦୃଶ ବ୍ୟବହାର ଦେଖାନ୍ତି (ଆୟୁବ ୩୦:୨୧) ।

୫) ପ୍ରଭୁ ମୋତେ ଉଚ୍ଚକୁ ଉଠାଇଥିଲେ ଓ ମୋତେ ଏବେ ପତିତ କରାଇଛନ୍ତି (ଆୟୁବ ୩୦:୨୨) ।

୬) ମଙ୍ଗଳ ପରିବର୍ତ୍ତେ, ମୁଁ ଅମଙ୍ଗଳ ପାଇଅଛି (ଆୟୁବ ୩୦:୨୬) ।

*(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)*



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)


*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**ମୋର ଯୌବନକାଳୀନ ହୃଦ୍‌ସ୍ପନ୍ଦନ ଓ ରକ୍ତ ସଞ୍ଚାଳନ କେବଳ ମୋର ସୃଷ୍ଟିକର୍ତ୍ତା ଯୀଶୁଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।**

୧୯୬୭ରେ, ଜଣେ ସମ୍ମାନନୀୟା ମିଶନେରୀ, ଏମିୟାମ୍ମାଲ୍ ସନ୍ୟାସିନୀ ଅମ୍ମାଲ ନେୟୁରର ମେମୋରିଆଲ ହଲ୍‌ଠାରେ ୩ ଦିନ ଧରି ସୁସମାଚାର ସଭା ପରିଚାଳନା କରିଥିଲେ । ସେହି ସହରରେ, ମୁଁ ପ୍ରାଥମିକ ଶିକ୍ଷା ପ୍ରାପ୍ତ ହୋଇଥିଲି । ସେ ଅତି ବୃଦ୍ଧ ମହିଳା ଥିଲେ । "ନାଜରୀତ ପ୍ରାର୍ଥନା ସହଭାଗିତା"ର କେତେକ ଭାଇ, ଯଥା, ମାଇକେଲ୍ ଚେଲ୍ଲାଦୁରାଇ, ଜନ୍ ୱିକ୍ଲିଫ୍, ଯୋଶୁଆ ଜ୍ଞାନଦୁରାଇ ଓ ଜନ୍ କୋଇଲ୍ ପିଚାଇ ଈଶ୍ୱରଙ୍କର ଅନ୍ୟ ଦାସମାନଙ୍କ ସହିତ ଆସି ଯୀଶୁଙ୍କ ଉପରେ ପ୍ରଚାର କରିଥିଲେ ଓ ନିଜ ନିଜର ସାକ୍ଷ୍ୟ ଜଣାଇଥିଲେ । ଭଉଣୀ ଏମିୟାମ୍ମାଲ୍ ସନ୍ୟାସିନୀ ସେହି ପ୍ରଚାରକମାନଙ୍କୁ ସାହାଯ୍ୟ ଓ ସେବା ଯୋଗାଇ ଦେବା ପାଇଁ ମୋତେ ବ୍ୟବହାର କରିଥିଲେ । ମୁଁ ସେମାନଙ୍କୁ ପାଣି ଯୋଗାଇ ଦେଉଥିଲି, ସେମାନଙ୍କର ବସ୍ତ୍ର ଧୋଉଥିଲି, ସେମାନଙ୍କର ଯୋତା ସଫା କରୁଥିଲି, ସେମାନଙ୍କ ପାଇଁ ଖାଦ୍ୟର ଆୟୋଜନ କରୁଥିଲି ଓ ସେମାନଙ୍କ ପାଇଁ ଯେ କୌଣସି କାର୍ଯ୍ୟ କରିବା ନିମନ୍ତେ ସେମାନଙ୍କ ପାଖେ ପାଖେ ରହୁଥିଲି । ସେମାନେ ନେୟୁରର ଡ. ଆୟା ଦୁରାଇଙ୍କର ଆଙ୍ଗ୍ଲୋ ଇଣ୍ଡିଜେନସ୍ କ୍ଲିନିକ୍‌ର ଉପର ମହଲାରେ ରହୁଥିଲେ । ଡ. ଆୟାଦୁରାଇ ସେବାକାର୍ଯ୍ୟରେ ଆଗ୍ରହୀ ଥିଲେ ଓ ଈଶ୍ୱରଙ୍କ ଦାସମାନଙ୍କୁ ଅର୍ଥ ସହାୟତା ପ୍ରଦାନ କରୁଥିଲେ । ତାଙ୍କର ସାନଭାଇ, ଡ. ଡି ଶିମୋନ "ଶିଶୁ ବୈଦ୍ୟ ଆଶ୍ରମମ୍" ନାମକ ଏକ ଶିଶୁ ଚିକିତ୍ସାଳୟ ଚଳାଉଥିଲେ । ସେ ମୋତେ ଅତ୍ୟନ୍ତ ପ୍ରେମ କରୁଥିଲେ ଓ ଉତ୍ସାହିତ କରି କହୁଥିଲେ, "ତୁମଠାରେ କିଛି ବିଶେଷ ବିଷୟ ଅଛି ।" ସେ ଏହିପରି ମୋର ପ୍ରଶଂସା କରୁଥିଲେ । ମୁଁ ସେତେବେଳେ ୧୮ ବର୍ଷ ବୟସ୍କ ଥିଲି ।



**Sis. Emiyammal Sanyasini Ammal**



**Bro. John Wycliffe**



**Dr. D. Ayyadurai**



**Dr. D. Simon**



**Bro. Joshua Gnanadurai, Bro. Michael Chelladurai, Mr. John Arputharaj**

ସେହି ସଭାଗୁଡ଼ିକରେ, ନାଜରୀତ ପ୍ରାର୍ଥନା ସହଭାଗିତା (Nazareth Prayer Fellowship) ର ଯୁବ ପ୍ରଚାରକମାନେ କିପରି ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପରିତ୍ରାଣ ପାଇଥିଲେ ଓ ଜାଗତିକ ପାପ, ବିଶେଷ ଭାବରେ ସିନେମା, ଇତ୍ୟାଦି ଦେଖିବାଠାରୁ ଉଦ୍ଧାର ପାଇଥିଲେ, ତାହା ସେମାନେ ଜଣାଇ ଥିଲେ । ସେମାନେ କିପରି ସେମାନଙ୍କର ଯୌବନକାଳରେ କୁପ୍ରଭାବ ପକାଉଥିବା ଜାଗତିକ ଆମୋଦ ପ୍ରମୋଦରୁ ଉଦ୍ଧାର ପାଇଥିଲେ, ସେହି ବିଷୟରେ ସାକ୍ଷ୍ୟ ଦେଇଥିଲେ । ଜଣେ ବ୍ୟକ୍ତି କିପରି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଏକ ପବିତ୍ର ଜୀବନ କାଟିବା ଦ୍ୱାରା ଖୁସି ପାଇପାରିବ, ତାହା ସେମାନେ ବର୍ଣ୍ଣନା କରିଥିଲେ ।

ସେହି ସଭାଗୁଡ଼ିକର ଶେଷ ଦିନରେ, ମୁଁ ମୋର ପାପପୂର୍ଣ୍ଣ ଜୀବନକୁ ଉପଲବ୍ଧି କରିଥିଲି ଓ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କୁ ମୋର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିଲି । ମୁଁ ପବିତ୍ର ଜୀବନ କାଟିବା ପସନ୍ଦ କରିଥିଲି । ମୁଁ ଏହି ନିଃସର୍ତ୍ତମୂଳକ ନିଷ୍ପତ୍ତି ନେଇଥିଲି ଯେ ମୁଁ ଏକ ଉପକାରୀ ଜୀବନ କାଟିବି ଓ ଈଶ୍ୱରଙ୍କ ପାଇଁ କିଛି କରିବି । ଏହି ଅନୁଭବ ମୋତେ ଯୀଶୁ ଖ୍ରୀଷ୍ଟଙ୍କର ସେବା କରିବା ପାଇଁ ପ୍ରୋତ୍ସାହିତ କରିଥିଲା । ସେହିଦିନ, ମୁଁ ମୋ' ପାପ ପାଇଁ ଅନୁତାପ କରିଥିଲି, ଈଶ୍ୱରଙ୍କ ନିକଟରେ ସେଗୁଡ଼ିକୁ ସ୍ୱୀକାର କରିଥିଲି ଓ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ମୋର ଜୀବନକୁ ସଂପୂର୍ଣ୍ଣ ଭାବରେ ସମର୍ପଣ କରିଥିଲି । ମୁଁ ଜୀବନ୍ତ ପରମେଶ୍ୱର ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପରିତ୍ରାଣର ଆଶୀର୍ବାଦ ପାଇଥିଲି । "...ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ" (ରୋମୀୟ ୧୨:୨) ।

ଏହି ସଭାଗୁଡ଼ିକର ଶେଷରେ, "ନାଜରୀତ ପ୍ରାର୍ଥନା ସହଭାଗିତା"ର ଈଶ୍ୱରଙ୍କ ଦାସମାନେ ମୋ' ନିମନ୍ତେ ଗଭୀର ପ୍ରେମ ଓ ଯତ୍ନ ପ୍ରକାଶ କରିଥିଲେ ଓ ମୋତେ ସେମାନଙ୍କ ସହିତ ସେମାନଙ୍କର ସ୍ଥାନକୁ ଯିବା ପାଇଁ ନିମନ୍ତ୍ରଣ କରିଥିଲେ । ଏହା ଫଳରେ, ମୁଁ ସେମାନଙ୍କ ସହିତ ଯିବା ପାଇଁ ମୋର ପିତାମାତାଙ୍କଠାରୁ ଅନୁମତି ପାଇଥିଲି । ସେମାନେ ମୋତେ ତିରୁନେଲ୍‌ଭେଲୀ ଜିଲ୍ଲାର ନାଜରୀତ ନାମକ ଏକ ସହରକୁ ନେଇଥିଲେ । ମିଶନେରୀ ପ୍ରଚାରିକା, ଭଉଣୀ ଏମିୟାମ୍ମାଲ ସନ୍ୟାସିନୀ ଅମ୍ମାଲ ମଧ୍ୟ ଆମ ସହିତ ଥିଲେ ।

## ସର୍ବଶ୍ରେଷ୍ଠ ଅନୁଭୂତି ! ନାଜରୀତ ପ୍ରାର୍ଥନା ସହଭାଗିତା

ଏହା ଗୋଟିଏ ଚାଳ ଘର ଥିଲା ! ସେହି ଘରେ, ମାର୍ଗୋସ୍‌ଟିସ୍ ସ୍କୁଲ ଓ କେଲଜର ଉଚ୍ଚଶିକ୍ଷିତ ଛାତ୍ର, ଶିକ୍ଷକ, ଅଧ୍ୟାପକ ଓ ଅନେକ ଆଗ୍ରହୀ ବ୍ୟକ୍ତିମାନେ ପ୍ରତିଦିନ ସନ୍ଧ୍ୟାକାଳୀନ ସଭାରେ ଯୋଗ ଦେଉଥିଲେ । ସକାଳେ ସାଦାସିଧା ଜଳଖିଆ ଦିଆଯାଉଥିଲା । ମଧ୍ୟାହ୍ନ ଭୋଜନରେ ସମ୍ବର ଓ ସ୍ୱାଦିଷ୍ଟ ''ରସମ୍'' ସହିତ ଭାତ ଏବଂ ରାତ୍ରିରେ ମଧ ''ରସମ୍'' ସହିତ ଭାତ ପରିବେଷଣ କରାଯାଉଥିଲା । ଏହା ମୋ' ପାଇଁ ଏକ ଅତି ସୁନ୍ଦର ଅନୁଭୂତି ଥିଲା । ମୁଁ ରାତିଦିନ ସେହି ଚାଳଘରେ ପ୍ରଭୁଙ୍କର ଉପସ୍ଥିତି ଅନୁଭବ କରି ପାରୁଥିଲି । ମୁଁ ସେହି ସ୍ଥାନରେ ଈଶ୍ୱରଙ୍କ ଦାସମାନଙ୍କ ଅଭ୍ୟାସ ଓ କାର୍ଯ୍ୟକଳାପ ଦ୍ୱାରା ଆକର୍ଷିତ ହୋଇଥିଲି । ଅନେକ ପ୍ରସିଦ୍ଧ ଆତ୍ମିକମନା ଲୋକ ଓ ବଡ଼ ବଡ଼ ନେତାମାନେ ସେହି ସ୍ଥାନରୁ ଉତ୍ଥାପିତ ହୋଇଥିଲେ ବୋଲି ମୁଁ ଶୁଣିଥିଲି । ମୋ' ଭିତରେ ସେମାନଙ୍କ ଭଳି ହେବାର ଇଚ୍ଛା ଦିନ ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଲା ।

## ''ଥେରୀ''ଠାରେ ଅନୁଭୂତି ! ଏକ ନିର୍ଜନ ସ୍ଥାନ !



**Bro. John Koilpitchai**



**Bro. R. Stanley (Blessing Youth Mission)**

ପ୍ରତିଦିନ ସନ୍ଧ୍ୟା ୫ ରୁ ୮ ମଧ୍ୟରେ, ସମସ୍ତ ସଦସ୍ୟ ''ଥେରୀ'' ନାମକ ଏକ ସ୍ଥାନରେ ଏକତ୍ରିତ ହେଉଥିଲେ । ଏହା ଲାଲ ମାଟି ରହିଥିବା ଏକ ନିର୍ଜନ ମରୁଭୂମି ଥିଲା । ସେମାନେ ସେଠାରେ ବ୍ୟକ୍ତିଗତ ପ୍ରାର୍ଥନାରେ, ବାଇବଲ ପଠନରେ, ଦଳଗତ ପ୍ରାର୍ଥନାରେ ଓ ସାକ୍ଷ୍ୟ ଜଣାଇବାରେ ସମୟ କାଟୁଥିଲେ । ସେମାନେ ସେହି ସବୁ ପ୍ରାର୍ଥନାରେ ଅଂଶଗ୍ରହଣ କରିବା ପାଇଁ ମୋତେ ମଧ ଅନୁମତି ଦେଇଥିଲେ ଓ ଏକ ପ୍ରାର୍ଥନା ପୂର୍ଣ୍ଣ ଜୀବନର ଓ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ଏକ ଜୀବନ ଶୈଳୀର ରହସ୍ୟ ବିଷୟରେ ଶିକ୍ଷା ଦେଇଥିଲେ ।

ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ମୋର ଏବେ ମଧ ମନେ ଅଛି : ଭାଇ ଶାନ୍ତା କୁମାର, ଭାଇ ଯାକୋବ ସେଲ୍‌ଭାରାଜ୍, ଭାଇ ଜନ୍ ପାକିଆରାଜ୍, ଭାଇ ଫିଲିପ ଜୟସିଙ୍ଗ, ଭାଇ ଗୁଣ ଶେଖର, ଭାଇ କୁମାର ଦାସ (ଥେନ୍‌କାସି), ଭାଇ କୁମାର ଦାସ (ବାଙ୍ଗାଲୋର), ଭାଇ ଇମ୍ମାନୁୟେଲ, ଭାଇ କୁମାର, ଭାଇ ଷ୍ଟାନ୍‌ଲୀ, ଭାଇ ଦାନିୟେଲ, ଭାଇ ଗିଦିୟୋନ, ଭାଇ ଶାମୁୟେଲ, ଭାଇ ତିମଥି, ଭାଇ ମାନିକ୍କମ୍, ଭାଇ କାଲେବ୍ ପଲ୍ ପାଣ୍ଡିଆନ୍, ଭାଇ ଯୋଷେଫ ଗୁଣସିଙ୍ଗ, ଭାଇ ତୀତସ ମାରିଆ ସୁନ୍ଦରମ୍, ଭାଇ ବେନ୍ନି, ଭାଇ ଯୋଥୀ ପାଣ୍ଡିଆନ୍ ଇତ୍ୟାଦି ।

୧୫ ଦିନ ପରେ, ଭଉଣୀ ଏମିୟାମ୍ମାଲ୍ ସନ୍ୟାସିନୀ ଅମ୍ମାଲ୍ ମୋତେ ମୋ' ସ୍ଥାନକୁ ଫେରାଇ ନେବା ପାଇଁ ପହଞ୍ଚିଲେ । ଈଶ୍ୱରଙ୍କ ଦାସମାନେ ଅଶ୍ରୁ ସହିତ ପ୍ରାର୍ଥନା କରି ମୋତେ ବିଦାୟ ଜଣାଇଥିଲେ ।



*Nazareth Prayer Fellowship - 1967*

ସେହି ସମୟରେ, ଭାଇ ମାଇକେଲ୍ ଚେଲ୍ଲାଦୁରାଇ, ଭାଇ ଜନ୍ ଓ୍ୱିକ୍ଲିଫ, ଭାଇ ଯୋଶୁଆ ଗୁଣଦୁରାଇ, ଭାଇ ଜନ୍ କୋଇଲ୍ ପିଚାଇ ଓ ଅନ୍ୟ ବିରଷ୍ଠ ଭାଇମାନେ ମୋ' ଉପରେ ସେମାନଙ୍କର ହସ୍ତ ରଖି ମୋ' ନିମନ୍ତେ ପ୍ରାର୍ଥନା କରିଥିଲେ । ସେହି ପ୍ରାର୍ଥନା ସମୟରେ, ସେମାନଙ୍କ ମଧ୍ୟରୁ ଜଣେ ନିମ୍ନ ପ୍ରକାରେ ଭବିଷ୍ୟଦ୍‌ବାଣୀ ପ୍ରକାଶ କରିଥିଲେ :



''ହେ ପୁତ୍ର ସାମ୍ ସେଲ୍‌ଭାରାଜ୍ ! ମୁଁ ମୋ' ନିମନ୍ତେ ତୁମକୁ ମନୋନୀତ କରିଅଛି । ମୁଁ ତୁମ ମାଧ୍ୟମରେ ମହତ୍ କାର୍ଯ୍ୟସବୁ କରିବି । ତୁମ ନାମ ଅନୁସାରେ, ମୁଁ ତୁମକୁ ବାଇବଲର ଶାମୁୟେଲଙ୍କ ଭଳି ଏକ ଭବିଷ୍ୟଦବକ୍ତା ଓ ଏକ ଶକ୍ତିଶାଳୀ ବ୍ୟକ୍ତି ଭାବରେ ଉନ୍ନତ କରିବି । ମୁଁ ତୁମକୁ ଏପରି ଏକ ପିତାରେ ପରିଣତ କରିବି ଯିଏ ଅନେକ ଲୋକଙ୍କୁ ଭୋଜନ କରାଇବ । ତୁମେ ଈଶ୍ୱରଙ୍କର ଜଣେ ଦାସ ହୋଇଥିବାରୁ ଲଜ୍ଜିତ ହେବ ନାହିଁ ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ଏକ ନିର୍ଭୀକ ନେତା ହେବ । ମୁଁ ତୁମ ସହିତ ରହିବି ଓ ତୁମେ ଯାହା ସବୁ ଇଚ୍ଛା କରିବ, ସେହିସବୁ ଦେବି । ମୁଁ ତୁମକୁ ପୃଥିବୀର ଅନେକ ଦେଶକୁ ପ୍ରେରଣ କରିବି ଓ ତୁମ ମାଧ୍ୟମରେ ମୋର ରାଜ୍ୟ ସ୍ଥାପନ କରିବି । ମୁଁ ତୁମକୁ ଉତ୍ତମ ସ୍ୱାସ୍ଥ୍ୟ ଓ ଉତ୍ତମ ବର୍ଷ ସବୁ ପ୍ରଦାନ କରିବି ।'' ''ତୁମ୍ଭେ ଆମ୍ଭ ଦୃଷ୍ଟିରେ ବହୁମୂଲ୍ୟ ଓ ସମ୍ଭ୍ରାନ୍ତ ହୋଇଅଛ ଓ ଆମ୍ଭେ ତୁମ୍ଭକୁ ପ୍ରେମ କରିଅଛୁ, ଏହେତୁ ଆମ୍ଭେ ତୁମ୍ଭ ପରିବର୍ତ୍ତରେ ମନୁଷ୍ୟମାନଙ୍କୁ ଓ ତୁମ୍ଭ ପ୍ରାଣର ପରିବର୍ତ୍ତରେ ଗୋଷ୍ଠୀବର୍ଗକୁ ଦେବା'' (ଯିଶାଇୟ ୪୩:୪) ।

ଏହାର ଠିକ୍ ପରେ ପରେ, ୧୯୬୯ରେ, ଈଶ୍ୱର ''ହେରାଲ୍ଡ ଅଫ୍ ହିଜ୍ କମିଙ୍ଗ'' (Harald of His Coming), ଭାରତର ମୁଖ୍ୟ ସଂପାଦକ ରେଭ. ଏସ୍.ଦେବଦାସନ୍ ନାମକ ଈଶ୍ୱରଙ୍କର ଜଣେ ବିଶିଷ୍ଟ ଦାସଙ୍କ ନିକଟକୁ ମୋତେ ଏକ ନମ୍ର ଦାସ ଭାବରେ ପ୍ରେରଣ କରିଥିଲେ । ସେହି ପତ୍ରିକାଟି ଅତି ପରିଚିତ ଖ୍ରୀଷ୍ଟିଆନ ପତ୍ରିକା ଥିଲା । ଈଶ୍ୱର ଉତ୍ତମ ଅଟନ୍ତି । *(...to be continued in August 2022 issue)*

---

*(୭ମ ପୃଷ୍ଠାର ଅବଶିଷ୍ଟାଂଶ)*

୭. ଆଲୋକ ପରିବର୍ତ୍ତେ, ଅନ୍ଧକାର ଆସିଅଛି (ଆୟୁବ ୩୦:୨୬) ।

୮. ମୋର ଜୀବନ ଦୁଃଖରେ ଶେଷ ହୋଇଅଛି (ଗୀତସଂହିତା ୩୧:୧୦) ।

୯. ମୁଁ ଏପରି ସମସ୍ୟାର ଅନୁଭୂତି ପାଇଛି ଯାହା କେହି ଅନୁଭବ କରି ନାହିଁ ।

୧୦. ମୋର ଦିନ ସବୁ ଦାରିଦ୍ର୍ୟ ମଧ୍ୟରେ ଗତି କରିଛି (ଗୀତସଂହିତା ୩୧:୧୦) ।

ଆପଣ ମଧ ଏହି ପ୍ରକାର ଏକ ସ୍ଥିତିରେ ଅଛନ୍ତି କି ? ନିରୁତ୍ସାହିତ ହୁଅନ୍ତୁ ନାହିଁ । ପ୍ରଭୁ ଆପଣଙ୍କ ପ୍ରତି ମଧ ଆଶ୍ଚର୍ଯ୍ୟ କର୍ମ କରିବେ । ମାତ୍ର ଆପଣଙ୍କୁ କେତେ ଗୁଡ଼ିଏ କାର୍ଯ୍ୟ କରିବାକୁ ହେବ ।

୧) ଅବିଶ୍ୱାସର କଥା କୁହନ୍ତୁ ନାହିଁ । କେବଳ ବିଶ୍ୱାସ ଓ ଆଶାଜନକ ବାକ୍ୟ କହନ୍ତୁ ।

୨) ଏପରି ଲୋକମାନଙ୍କୁ ଏଡ଼ାଇ ଦିଅନ୍ତୁ ଯେଉଁମାନେ ଆପଣଙ୍କୁ ଆପଣଙ୍କ ବିଶ୍ୱାସ ବିଷୟରେ ଦ୍ୱନ୍ଦ୍ୱଗ୍ରସ୍ତ କରନ୍ତି । ବରଂ, ଆପଣଙ୍କ ବିଶ୍ୱାସକୁ ପ୍ରୋତ୍ସାହିତ କରୁଥିବା ଲୋକମାନଙ୍କ ସହିତ ଗଭୀର ସହଭାଗିତା ରଖନ୍ତୁ ।

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

ଯୀଶୁ ଖ୍ରୀଷ୍ଟଙ୍କ ସେବା କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରି ଏକ ସାକ୍ଷ୍ୟମୟ ଜୀବନ କାଟନ୍ତୁ ।

୩) ଯଦିଓ କୌଣସି ଉତ୍ତମ ବିଷୟ ଘଟିବାର ସମ୍ଭାବନା ନ ଥାଏ, ତଥାପି ଆଶ୍ଚର୍ଯ୍ୟକର୍ମ ସାଧନ କରିବା ପାଇଁ ପ୍ରଭୁଙ୍କଠାରେ ଓ ତାଙ୍କ ଶକ୍ତିରେ ବିଶ୍ୱାସ କରନ୍ତୁ । ଆଶାପୂର୍ଣ୍ଣ ପ୍ରାର୍ଥନା ସହିତ କେବଳ ତାଙ୍କ ଉପରେ ଆଉଜି ପଡ଼ନ୍ତୁ । ନିଶ୍ଚୟ ଆଶ୍ଚର୍ଯ୍ୟକର୍ମ ସାଧିତ ହେବ ।

"ଆପଣଙ୍କର ଶୋକ ଆନନ୍ଦରେ ପରିଣତ ହେବ" (ଗୀତସଂହିତା ୩୦:୧୧ ଦେଖନ୍ତୁ) ।

*************

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

ବାର୍ଷିକ ଦେୟ – ଟ. ୧୦୦/– ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ୱା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ୍ୟ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ୱା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th JUNE 2022.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

*JESUS LOVES YOU!*

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005 and printed by him at **Echo of His Call Printers**, New No. 8 & 10, Old No. 18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**